୬ ➤ ମୁମ୍ବାଇ ଇଣ୍ଡିଆନ୍ସକୁ ଏବେ ଫେରିବେନି ସୂର୍ଯ୍ୟ କୁମାର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୬୧ ● ୨୯ ମାର୍ଚ୍ଚ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-61 ● 29th March 2024, Friday ● Bhubaneswar

Licensed to post without pre-payment of postage No- BN-60/22-24

## ସିଜେଆଇଙ୍କୁ ଚିଠି ଲେଖିଲେ ୬୦୦ରୁ ଅଧିକ ଆଇନଜୀବୀ

ନୂଆଦିଲ୍ଲୀ, ୨୮।୩

ଦେଶରେ ନ୍ୟାୟପାଳିକା ଉପରେ ଚାପ ପ୍ରୟୋଗ କରାଯାଉଛି । ଏହା ସହିତ ବେଞ୍ଚ ଫିକ୍ସିଂ କରାଯାଉଛି । ଏହି ଅଭିଯୋଗ ନେଇ ଦେଶର ୬୦୦ ଆଇନଜୀବୀ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ଚିଠି ଲେଖିଛନ୍ତି । ଚିଠିରେ ଦେଶର ନ୍ୟାୟପାଳିକା ସ୍ଥିତି ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ବହୁ ଜଣିଆ ଖଣ୍ଡପୀଠର ରାୟକୁ ପ୍ରଭାବିତ କରିବା ପାଇଁ ଚାପ ପ୍ରୟୋଗ କରାଯାଉଥିବା ସମ୍ପର୍କରେ ଚିଠିରେ ଉଲ୍ଲେଖ କରାଯାଇଛି। ଏଭଳି କାର୍ଯ୍ୟ ଦ୍ୱାରା କୋର୍ଟର ଗରିମା କ୍ଷୁର୍ଣ୍ଣ ହେଉଥିବା ଚିଠିରେ ଦର୍ଶାଯାଇଛି।

ଏଭଳି କରିବା ଯୋଗୁ କୋର୍ଟର ସମ୍ମାନରେ ଆଞ୍ଚ ଆସୁଛି। ଚିଠିରେ ଆଇନଜୀବୀ ହରିଶ ସାଲଭେ, ମନନ



କୁମାର ମିଶ୍ର, ଆଦିଶ ଅଗ୍ରୱାଲ, ଚେତନ ମିତ୍ତଲ, ପିଙ୍କି ଆନନ୍ଦ, ହିତେଶ ଜୈନ, ଉଜ୍ଜଲା ପାୱାର, ଉଦୟ ହୋଲା ଏବଂ ସ୍ୱରୂପମା ଚତୁର୍ବେଦୀ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ପ୍ରସଙ୍ଗରେ ନ୍ୟାୟିକ ପ୍ରଣାଳୀର କାର୍ଯ୍ୟକାରିତା ଉପରେ ହସ୍ତକ୍ଷେପ କରାଯାଉଥିବା ଚିଠିରେ ଉଲ୍ଲେଖ କରାଯାଇଛି।

ରାଜନୈତିକ ଦୁର୍ନୀତି ପ୍ରସଙ୍ଗରେ ରାୟକୁ ପ୍ରଭାବିତ କରିବା ଲାଗି ଅଧିକ ଚାପ ପକାଯାଉଥିବା ଚିଠିରେ କୁହାଯାଇଛି।

ଚାପ ପ୍ରୟୋଗ କରୁଥିବା ବ୍ୟକ୍ତିମାନେ ବର୍ତ୍ତମାନର ଘଟଣାଗୁଡ଼ିକ ସହିତ ତୁଳନା କରି ଅଦାଲତର ଏକ ଆନୁମାନିକ ଉତ୍ତମ ଅତୀତ ଏବଂ ସୁବର୍ଣ୍ଣ ସମୟର ମିଥ୍ୟା କାହାଣୀ ସୃଷ୍ଟି କରୁଛନ୍ତି । ଏହା କେବଳ ଉଦ୍ଦେଶ୍ୟମୂଳକ ବିବୃତ୍ତି ଛଡା ଆଉ କିଛି ନୁହେଁ, କୋର୍ଟର ନିଷ୍ପତ୍ତିକୁ ପ୍ରଭାବିତ କରିବା ଏବଂ କିଛି ରାଜନୈତିକ ଲାଭ ପାଇଁ କୋର୍ଟର ଗରିମାକୁ କ୍ଷୁର୍ଣ୍ଣ କରିବା ଏକ ଲଜ୍ଜାଜନକ କାର୍ଯ୍ୟ। କିଛି ଆଇନଜୀବୀ ରାଜନେତାଙ୍କୁ ରକ୍ଷା କରିବା ଏବଂ ପରେ ରାତିରେ ଗଣମାଧ୍ୟମ ମାଧ୍ୟମରେ ବିଚାରପତିଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବା ଏକ ସଙ୍କଟଜନକ ସ୍ଥିତି ସୃଷ୍ଟି କରୁଛି ବୋଲି ସେମାନେ ଚିଠିରେ ଉଲ୍ଲେଖ କରିଛନ୍ତି।

## ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ଖରାବର୍ଷାର ଖେଳ

ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ଖରା ବର୍ଷାର ଖେଳ। ଉତ୍ତର ଉପକୂଳ ଓଡ଼ିଶାରେ ପ୍ରଚଣ୍ଡ ବଜ୍ରପାତର ସମ୍ଭାବନା ଥିବା ବେଳେ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ତାତି ଅନୁଭୂତ ହେବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବର୍ତ୍ତମାନ ରାଜ୍ୟ ଉପରେ କୌଣସି ପାଣିପାଗ ନିୟାମକର ପ୍ରଭାବ ନଥିବା ବେଳେ କିଛି ସ୍ଥାନରେ ପଶ୍ଚିମାଝଡ ପ୍ରଭାବରେ ଘଡଘଡି ବିଜୁଳି ସହ ବର୍ଷା ହେବା ନେଇ ସତର୍କତା ଜାରି କରାଯାଇଛି।

ପାଣିପାଗ କେନ୍ଦ୍ର ପକ୍ଷରୁ ଶୁକ୍ରବାର ପ୍ରଚଣ୍ଡ ବିଜୁଳି ଘଡଘଡି ସହ ବର୍ଷା ପବନ ନେଇ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଏବଂ ଯାଜପୁର ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ବର୍ଷା ସମୟରେ ଘଣ୍ଟାପ୍ରତି ୩୦ ରୁ ୪୦ କିଲୋମିଟର ବେଗରେ ଝଡପବନ ହେବାର ଆକଳନ କରାଯାଇଛି।

ସେହିଭଳି ୩୦, ୩୧, ଏପ୍ରିଲ ୧ ଏବଂ



୨ ତାରିଖ ପର୍ଯ୍ୟନ୍ତ ଉତ୍ତର ଆଭ୍ୟନ୍ତରୀଣ ଓଡିଶାରେ ବଜ୍ରପାତ ଜନିତ ବର୍ଷା ପବନ ହେବ ବୋଲି ସତର୍କ କରାଇଛି ପାଣିପାଗ କେନ୍ଦ୍ର । କେବଳ ଉତ୍ତର ଉପକୂଳ ଓଡ଼ିଶାକୁ ଛାଡିଦେଲେ ବାକି ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଆସନ୍ତା ଦୁଇ ଦିନ ମଧ୍ୟରେ ମେଘମୁକ୍ତ ଆକାଶ ସହ ବାୟୁମଣ୍ଡଳରେ ଶୁଷ୍କତା ବୃଦ୍ଧି ପାଇ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ବଢ଼ିବ । ସ୍ୱାଭାବିକ ଠାରୁ ୨ ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ହେବ ବୋଲି ଆକଳନ କରାଯାଇଛି। ଦକ୍ଷିଣ ଓଡ଼ିଶାର କାଁ ଭାଁ ଜିଲ୍ଲାରେ ବଜ୍ରପାତ ବର୍ଷା ହେବାର ସମ୍ଭାବନା ଥିଲେ ମଧ ଅଧିକାଂଶ ଜିଲ୍ଲାରେ ତାତି ବଢ଼ିବ।

୩୦ ତାରିଖରେ ବଲାଙ୍ଗୀର, ଟିଟିଲାଗଡ଼, ସୁନ୍ଦରଗଡ, ମାଲକାନଗିରି, ବୌଦ୍ଧ, ଅନୁଗୁଳ, ସମ୍ବଲପୁର, ଝାରସୁଗୁଡା, ଭବାନୀପାଟଣା, ରାୟଗଡା ଏବଂ ଗଜପତି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁବା ନେଇ ଆକଳନ କରାଯାଇଛି । ୩ ତାରିଖ ପରେ ପୁଣି ତାତି ବଢ଼ିବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ଭାରତର ଆଧୁନିକ ଲଢୁଆ ବିମାନ ତେଜସ୍ ମାକ୍-୧ଏ ର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ, ୨୮।୩

ଭାରତୀୟ ବାୟୁସେନାର ନୂଆ ଲଢୁଆ ବିମାନ ତେଜସ ମାକ୍-୧ଏ ଗୁରୁବାର ବେଙ୍ଗାଲୁରୁରେ ଏହାର ପ୍ରଥମ ଉଡ଼ାଣ ସଫଳତାର ଶେଷ କରିଛି। ବେଙ୍ଗାଲୁରୁସ୍ଥିତ ଡିଆରଡିଓ ଲ୍ୟାବରେ ଏରୋନୋଟିକ୍ସ ଡେଭଲପମେଣ୍ଟ ଏଜେନ୍ସି ଏହାକୁ ବିକଶିତ କରିଛି।

ଗତ କିଛି ଦିନ ହେବ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡର କାରଖାନାରେ ଏହାର ଟ୍ୟାକ୍ସି ଟ୍ରାଏଲ (ପୃଷ୍ଠା ୭ରେ)

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

## ନିର୍ବାଚନ ପୂର୍ବରୁ ବଢ଼ିଲା ଶ୍ରମିକଙ୍କ ମଜୁରୀ

ନୂଆଦିଲ୍ଲୀ, ୨୮।୩

ନିର୍ବାଚନ ପୂର୍ବରୁ ଶ୍ରମିକଙ୍କ ମଜୁରୀ ବଢ଼ିଲା। ମହାତ୍ମା ଗାନ୍ଧି କର୍ମ ନିଯୁକ୍ତି ଯୋଜନା ଅଧୀନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ପାରିଶ୍ରମିକ ବୃଦ୍ଧି ପାଇଛି। ଦେଶରେ ଏହି ଯୋଜନାରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକଙ୍କ ମଜୁରୀ ବଢାଇଛନ୍ତି କେନ୍ଦ୍ର ସରକାର।

ଗୁରୁବାର କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଏନେଇ ସୂଚନା ଦେଇଛି । ବର୍ଦ୍ଧିତ ମଜୁରୀ ଅନୁସାରେ, ଶ୍ରମିକଙ୍କ ହାରାହାରି ଦୈନିକ ପାରିଶ୍ରମିକ ୨୮ ଟଙ୍କା ବୃଦ୍ଧି ହୋଇଛି। ଉତ୍ତର ପ୍ରଦେଶ ଓ (ପୃଷ୍ଠା ୭ରେ)



## ଅନ୍ୟକୁ ଡରେଇବା-ଧମକାଇବା କଂଗ୍ରେସର ସଂସ୍କୃତି: ମୋଦି

ନୂଆଦିଲ୍ଲୀ, ୨୮।୩

ଦେଶର ପ୍ରମୁଖ ଆଇନଜୀବୀମାନେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ ଚିଠି ଲେଖି ନ୍ୟାୟାଳୟ ଉପରେ ଏକ ଗୋଷ୍ଠୀ ପ୍ରଭାବ ପକାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଛନ୍ତି । ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ ଟାର୍ଗେଟ କରିଛନ୍ତି । ଅନ୍ୟଙ୍କୁ ଭୟଭୀତ କରିବା କଂଗ୍ରେସର ପୁରୁଣା ସଂସ୍କୃତି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ପାଖାପାଖି ୫୦ ବର୍ଷ ପୂର୍ବେ କଂଗ୍ରେସ ନିଜ ସ୍ୱାର୍ଥକୁ ବିଶ୍ୱ ସାମ୍ନାରେ ରଖିଥିଲା । ପ୍ରଧାନମନ୍ତ୍ରୀ



ମୋଦି ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଦଳ କୌଣସି ପ୍ରକାରେ ଦେଶ ପ୍ରତି ପ୍ରତିବଦ୍ଧ ହେବାକୁ ଚାହୁଁନାହିଁ।

ପ୍ରସିଦ୍ଧ ଓକିଲମାନଙ୍କ ଚିଠିକୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୁନଃପୋଷ୍ଟ କରି ପ୍ରଧାନମନ୍ତ୍ରୀ ମୋଦି ଲେଖିଛନ୍ତି, ପାଞ୍ଚ ଦଶନ୍ଧି ତଳେ କଂଗ୍ରେସ ଦଳ ଏକ ପ୍ରତିଶ୍ରୁତିବଦ୍ଧ ନ୍ୟାୟପାଳିକା ପାଇଁ ଆହ୍ୱାନ ଦେଇଥିଲା। ସେମାନେ (କଂଗ୍ରେସ) ନିଜ ସ୍ୱାର୍ଥ ପାଇଁ ଅନ୍ୟମାନଙ୍କଠାରୁ ପ୍ରତିଶ୍ରୁତି ଚାହୁଁଛନ୍ତି, କିନ୍ତୁ କଂଗ୍ରେସ ଦଳ ଦେଶ ପ୍ରତି ନିଜର କୌଣସି ପ୍ରତିବଦ୍ଧତାକୁ ଏଡ଼ାଇ (ପୃଷ୍ଠା ୭ରେ)

## ପାଖରେ ଟଙ୍କା ନଥିବାରୁ ଲୋକସଭା ନିର୍ବାଚନ ଲଢିବେନି କହିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ



ନୂଆଦିଲ୍ଲୀ, ୨୮।୩

୨୦୧୬ରୁ ରାଜ୍ୟସଭା ସାଂସଦ ଥିବା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଚଳିତ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି କହିଛନ୍ତି। ସେ ତାଙ୍କ ଦଳ ଭାରତୀୟ ଜନତା ପାର୍ଟି (ବିଜେପି) ଦ୍ୱାରା ଲୋକସଭା ଆସନ ପାଇଁ ଟିକେଟ ପାଇଛନ୍ତି । କିନ୍ତୁ ତାଙ୍କ ପାଖରେ ପଇସାର ଅଭାବ ରହିଥିବାରୁ ସେ ଦଳର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଲୋକସଭା ନିର୍ବାଚନ ଲଢିବା ପାଇଁ ଯେଉଁ ଭଳି ପାଣ୍ଠି ଦରକାର ତାହା ନଥିବାରୁ ସେ ଦଳର ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିବା ଗୁରୁବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ତାଙ୍କୁ (ପୃଷ୍ଠା ୭ରେ)

## ଟିକେଟ ବଣ୍ଟନରେ ନବୀନଙ୍କ ମାଷ୍ଟରଷ୍ଟ୍ରୋକ୍

ଭୁବନେଶ୍ୱର, ୨୮।୩

ନ୍ୟୁଜ୍ ବ୍ୟୁରୋ

ଟିକେଟ ବଣ୍ଟନରେ ନବୀନ ପଟ୍ଟନାୟକଙ୍କ ମାଷ୍ଟର ଷ୍ଟ୍ରୋକ୍। ବିଧାନସଭା ପାଇଁ ଯୋଦ୍ଧା ପ୍ରସ୍ତୁତ କଲା ବିଜେଡ଼ି । ପ୍ରଥମ ରାଜନୈତିକ ଦଳ ଭାବେ ୭୨ ବିଧାୟକ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି ବିଜେଡି। ବିକଶିତ ଓଡ଼ିଶା ଗଠନ ସହ ଓଡ଼ିଶାକୁ ଦେଶର ୧ ନମ୍ବର ରାଜ୍ୟରେ ପରିଣତ କରିବାକୁ ଅଧିକାଂଶ ନେତାଙ୍କୁ ରିପିଟ କରିଛନ୍ତି ନବୀନ। ଯୁବ, ବରିଷ୍ଠ ଓ ଅଭିଜ୍ଞତା ଭିତ୍ତିରେ



ଟିକେଟ ବଣ୍ଟନ କରି ଓଡ଼ିଶାବାସୀଙ୍କ ସେବାରେ ଦଳକୁ ସମର୍ପିତ କରିଛନ୍ତି । ଟିକେଟ ପାଇବା ପରେ ବିକାଶଧାରାକୁ ଆଗକୁ ନେବାକୁ ସଙ୍କଳ୍ପ ନେଇଛନ୍ତି ନେତା।

୨୦୨୪ ସାଧାରଣ ନିର୍ବାଚନ ପାଇଁ ଯୋଦ୍ଧାଙ୍କୁ ମଇଦାନକୁ ଓହ୍ଲାଇଲା ବିଜେଡ଼ି। ପ୍ରଥମ ରାଜନୈତିକ ଦଳ ଭାବେ ବିଧାନସଭା ପାଇଁ ଘୋଷଣା ହୋଇଛି ପ୍ରାର୍ଥୀଙ୍କ ନାଁ । ସମସ୍ତଙ୍କୁ ଚକିତ କରି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ୭୨ (ପୃଷ୍ଠା ୭ରେ)

### ଏକାଳ ସକାଳ



ମା'ଲୋ ମା'ଲୋ ମା'ଲୋ
କିଏ ଧରେ କିଏ ଛାଡେ
ମୁହଁ ଗୁଡାକ ଖୁବ୍ ଚିହ୍ନା
ବାରି ହେଇଯାଏ ଭିଡେ
ଜନତା ତୁଚ୍ଛାରେ ରଡେ
ମୋର ମୋର କେହି ନୁହେଁ ଏଠି
କଇଁଛ ବି ବେକ କାଢେ।

## ଖୁବଶୀଘ୍ର ରାସ୍ତାରୁ ହଟିଯିବ ଟୋଲ ପ୍ଲାଜା

ନୂଆଦିଲ୍ଲୀ, ୨୮।୩

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି ଯେ ଖୁବ ଶୀଘ୍ର ଦେଶର ଜାତୀୟ ରାଜପଥରେ ଟୋଲ ସଂଗ୍ରହ ପାଇଁ ଉପଗ୍ରହ(ସାଟେଲାଇଟ) ଆଧାରିତ ବ୍ୟବସ୍ଥା ଆରମ୍ଭ ହେବ। ବର୍ତ୍ତମାନ ଟୋଲ ସଂଗ୍ରହ ବ୍ୟବସ୍ଥାକୁ ଉଠାଇ ଦିଆଯିବ। ଗତ ବର୍ଷ ଡିସେମ୍ବର ମାସରେ ନିଜେ ସଡ଼କ ପରିବହନ ମନ୍ତ୍ରୀ ଘୋଷଣା କରିଥିଲେ ଯେ



ଏନଏଚଏଆଇ ମାର୍ଚ୍ଚ ୨୦୨୪ରୁ ରାଜପଥରେ ଟୋଲ ସଂଗ୍ରହର ନୂତନ ବ୍ୟବସ୍ଥା ଆରମ୍ଭ କରିବ। ନୀତିନ ଗଡକରୀ କହିଛନ୍ତି ଯେ ରାଜପଥରେ ଯାତ୍ରା କରୁଥିବା ଲୋକଙ୍କ ଦୂରତା ସହିତ ଟୋଲ ଟ୍ୟାକ୍ସ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ କଟାଯିବ।

ମହଙ୍ଗା ଟୋଲ ଟ୍ୟାକ୍ସ ସମ୍ବନ୍ଧୀୟ ଏକ ପ୍ରଶ୍ନର ଉତ୍ତରରେ ନୀତିନ ଗଡକରୀ କହିଛନ୍ତି ଯେ ବର୍ତ୍ତମାନ ଉନ୍ନତ (ପୃଷ୍ଠା ୭ରେ)

DADLS-103



ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଦିନଟି ପ୍ରଭୁ ଯୀଶୁଙ୍କ କୃଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା।

ମୁଁ ରାଜ୍ୟର ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି।

(ରଘୁବର ଦାସ)

OIPR : 15001/13/0914/2324

## ମୁମ୍ବାଇ ବିଶ୍ୱର ତୃତୀୟ ସର୍ବାଧିକ ଅରବପତିଙ୍କ ସହର



ମୁମ୍ବାଇ, ୨୮।୩

ଦୀର୍ଘ ୭ ବର୍ଷ ପରେ ମୁମ୍ବାଇ ପୁଣି ଥରେ ବିଶ୍ୱର ଅତି ଧନୀଙ୍କ ବାସସ୍ଥଳୀ ଭାବେ ଉଭା ହୋଇଛି । ଭାରତର ଏହି ବାଣିଜ୍ୟିକ ସହରରେ ୯୨ ଜଣ ଅରବପତି ବାସ କରୁଛନ୍ତି । ଅରବପତିଙ୍କ ସଂଖ୍ୟା ଦୃଷ୍ଟିରୁ ମୁମ୍ବାଇ ବିଶ୍ୱର ସହରଗୁଡିକ ମଧ୍ୟରେ ତୃତୀୟ ସ୍ଥାନରେ ରହିଛି । ଏହାଫଳରେ ମୁମ୍ବାଇ ବିଶ୍ୱର ତୃତୀୟ ସର୍ବାଧିକ ଅରବପତିଙ୍କ ବାସସ୍ଥଳୀର ମାନ୍ୟତା ଲାଭ କରିଛି । ଏ କ୍ଷେତ୍ରରେ ଚୀନ ରାଜଧାନୀ ବେଜିଂକୁ ଅତିକ୍ରମ କରି ମୁମ୍ବାଇ ପ୍ରଥମ ଥର ପାଇଁ ଏସିଆର ଅରବପତିଙ୍କ ରାଜଧାନୀ ପାଲଟିଥିବା ହୁରୁନ ରିସର୍ଚ୍ଚର ୨୦୨୪ ଗ୍ଲୋବାଲ ଧନୀ ତାଲିକାରେ କୁହାଯାଇଛି।

ଅରବପତିଙ୍କ ମାମଲାରେ ଆମେରିକାରେ ନ୍ୟୁୟର୍କ ପରେ ମୁମ୍ବାଇ ଏବେ ବିଶ୍ୱର ତୃତୀୟ ସ୍ଥାନରେ ରହିଛି । ନ୍ୟୁୟର୍କ ସହରରେ ୧୧୯ ଜଣ ଅରବପତି ବାସ କରନ୍ତି। ସେହିପରି ୯୭ ଅରବପତିଙ୍କ ସହର ଲଣ୍ଡନ ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ମୁମ୍ବାଇ ବେଜିଂକୁ ଟପି ବିଶ୍ୱର (ପୃଷ୍ଠା ୭ରେ)







କେନ୍ଦୁଝର: ଦୋଳ ବିମାନରେ ଦୋଳଗୋବିନ୍ଦ





ଆଟୋପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶାରୀରିକ ପରୀକ୍ଷା



ପୁରୁଣା ଏଟିଏମ୍ ମେସିନ୍ ଯୋଗୁ ଗ୍ରାହକ ଅସୁବିଧାର ସମ୍ମୁଖୀନ



(ଫଟୋ: ସୁରଜିତ ନ୍ୟୁଜ୍)

ଚମ୍ପୁଆ ନିକଟରେ ଠିଆ ହୋଇଥିବା ଟ୍ରକ୍‌ରେ ଲାଗିଲା ନିଆଁ

## ରକ୍ତଦାନ କରି ଗର୍ଭବତୀଙ୍କ ଜୀବନ ରକ୍ଷା କଲେ ବ୍ଲକ ଉପାଧକ୍ଷ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଜଣେ ଗୁରୁତର ଗର୍ଭବତୀ ମହିଳାଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇ ବଦାନ୍ୟତା ଦେଖାଇଛନ୍ତି ରାଇଘର ବ୍ଲକ ଉପାଧକ୍ଷ ଗୁପ୍ତପ୍ରସାଦ ଝାଙ୍କର । ସୂଚନାନୁଯାୟୀ, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁରାବେଡ଼ା ପଞ୍ଚାୟତ ସୋନପୁର ଆଦିବାସୀ ଗ୍ରାମର ମହେନ୍ଦ୍ର ଗଣ୍ଡଙ୍କ ସ୍ତ୍ରୀ ପ୍ରମିଳା ଗଣ୍ଡ ଉମରକୋଟ ମେଡିକାଲରେ ସନ୍ତାନ ଜନ୍ମ ଦେବାପରେ ରକ୍ତ ପରିମାଣ ୫ ପ୍ରତିଶତ ହୋଇଯିବାରୁ ସେ ଗୁରୁତର ହୋଇଥିଲେ । ସଙ୍ଗେ ସଙ୍ଗେ ରକ୍ତ ଆବଶ୍ୟକତା ରହିଥିବାବେଳେ ଆଦିବାସୀ ମହିଳାଙ୍କ ନିମନ୍ତେ ଆଗକୁ ଆସିଥିଲେ ରାଇଘର ବ୍ଲକ ଉପାଧକ୍ଷ ଗୁପ୍ତପ୍ରସାଦ ଝାଙ୍କର । ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶ୍ରୀ ଝାଙ୍କର ପହଞ୍ଚି ରକ୍ତଦାନ କରିବା ସହ ଉମରକୋଟ ଠାରେ ରକ୍ତ ଧରି ଆସି ମହିଳାଙ୍କୁ ଦେବା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ । ବର୍ତ୍ତମାନ ଶିଶୁ କନ୍ୟା ସହ ମା'ଙ୍କ ଅବସ୍ଥା ସଠିକ୍ ଥିବା ଜଣାପଡ଼ିଥିବା ବେଳେ ଚିକିତ୍ସା ଜାରି ରହିଛି । ଡାକ୍ତର ଟିମ୍ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିବା ଜଣାପଡ଼ିଛି ।

## ଗ୍ରାହକ ଦିବସ ପାଳନ କରୁନାହାଁନ୍ତି ଅଗ୍ରଣୀ ଦୂର ସଞ୍ଚାର ସେବା ପ୍ରଦାନକାରୀ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଭାରତର ଅଗ୍ରଣୀ ଦୂର ସଞ୍ଚାର ସେବା ପ୍ରଦାନକାରୀ ଏୟାର ଟେଲ, ଜିଓ, ଆଇଡିଆ ସମେତ ଅନେକ ବିଭାଗ ରହିଥିଲେ ମଧ୍ୟ ରମ୍ଭା ଅଞ୍ଚଳରେ ଲକ୍ଷ ଲକ୍ଷ ଟଙ୍କାର ବିଜ୍‌ନେସ୍ କରୁଥିଲେ ମଧ୍ୟ କାର୍ଯ୍ୟାଳୟ ପକ୍ଷରୁ ଗ୍ରାହକ ଦିବସ ପାଳନ କରିବା ପାଇଁ ଶିଥିଳତା କାହିଁକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଗ୍ରାହକଙ୍କୁ ସାମ୍ନା କରିବା ପଦପଦବୀ ତଥା ଏସିରେ ରହୁଥିବା ବାବୁ ଭାଇମାନେ ବାହାରକୁ ଆସି ଛାମୁଆ ବା ଫ୍ରଣ୍ଟ ଲାଇନ୍ ସମକକ୍ଷଙ୍କ ସହିତ ସାମିଲ୍ ହୋଇ ଗ୍ରାହକଙ୍କ ସହିତ ସିଧାସଳଖ ମତ ବିନିମୟ ହେଲେ ଅଭାବ ଅସୁବିଧା ଦୂର ସାଙ୍ଗକୁ ଲୋକଙ୍କ ସମସ୍ୟା ସମାଧାନ ହେବା ସହିତ ବେପାର ବାଣିଜ୍ୟରେ ଅଧିକ ବୃଦ୍ଧି ଘଟିଥାନ୍ତା ବୋଲି ଆଲୋଚନା ହେଉଛି । ଲକ୍ଷ୍ୟ ହେଉଛି ଗ୍ରାହକଙ୍କ ମନୋଭାବ ବୁଝିବା ସେମାନଙ୍କ ଚିନ୍ତା ଓ ପରାମର୍ଶକୁ ଜାଣିବା ଲାଗି ନିବିଡ଼ ସମ୍ପର୍କ ସ୍ଥାପନ କରିବା କମ୍ପାନୀର ଗ୍ରାହକ ଦିବସ ରହିଅଛି । ଏପରି କାର୍ଯ୍ୟକ୍ରମ ରହିଥିଲେ ମଧ୍ୟ ଡିଷ୍ଟ୍ରିବୋଟର, ଡିଲର ମାନଙ୍କ ଅଫିସରଙ୍କ ସହିତ ମଧୁଚନ୍ଦ୍ରିକା ଯୋଗୁଁ ଗ୍ରାହକଙ୍କ ଆବଶ୍ୟକତା ବୁଝିବା ଲାଗି ଏକ ସମ୍ପୂର୍ଣ୍ଣ ନୂଆ ମାନସିକତା ଓ ସଂସ୍କୃତିକୁ ଉଜାଗର କରିବାରେ ବାଧା ସୃଷ୍ଟି ହେଉଥିବା ଗ୍ରାହକ ମାନେ ଅଭିଯୋଗ ବାଢ଼ିଛନ୍ତି ।

# ଲୋପ ପାଇବାକୁ ବସିଲେଣି ଘରଚଟିଆ:ଆଉ ଶୁଭୁନି କିଚିରିମିଚିରି ଶବ୍ଦ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରତ୍ୟେକ ଦିନ ଆମ ଚତୁଃପାର୍ଶ୍ୱରେ ଭିନ୍ନ ଭିନ୍ନ ପ୍ରକାର ପକ୍ଷୀ ଦେଖୁଥାଉ । ଘରଚଟିଆ ସେଥିରୁ ଅନ୍ୟତମ । ଏବେ ଘର ଚଟିଆ ଧିରେ ଧିରେ ବିଭିନ୍ନ ଅଞ୍ଚଳରୁ ଲୋପ ପାଇବାକୁ ବସିଲେଣି । ଆଧୁନିକ ସଭ୍ୟତାର ଯେତିକି ଅଗ୍ରଗତି ହେଉଛି ପାଣିପାଗର ସେତିକି ପରିବର୍ତ୍ତନ ହେଉଥିବାରୁ ତାର ପ୍ରଭାବ ପଡୁଛି ମଣିଷର ସହାୟକ ଜୀବଜନ୍ତୁ ଓ ପଶୁ ପକ୍ଷୀଙ୍କ ଉପରେ । କାଳକ୍ରମେ ଅନେକ ଜୀବଜନ୍ତୁ ଓ ପକ୍ଷୀ ବିଲୁପ୍ତ ହୋଇଥିବାରୁ ତାର ପ୍ରଭାବ ମଧ୍ୟ ଆଜିର ମଣିଷ ସମାଜ ଉପରେ ପଡୁଛି । ପାଗର ପରିବର୍ତ୍ତନ ସାଙ୍ଗକୁ ବିଭିନ୍ନ କାରଣରୁ ପକ୍ଷୀମାନଙ୍କ ବଂଶବୃଦ୍ଧି ହୋଇପାରୁନାହିଁ । ଘରର ଛଳ ଉପରେ କିଚିରି ମିଚିରି ଶବ୍ଦ କରୁଥିବା ଏହି ପକ୍ଷୀଙ୍କର ନିରାପଦ ସ୍ଥାନ ହେଉଛି ଛଳ ଛପର ଘର । ପକ୍ଷୀପ୍ରେମୀ ମାନେ କହିବା କଥା ଏହି ଛୋଟିଆ ପକ୍ଷୀଟି ଘରଚଟିଆ ହୋଇଥିଲେ ହେଁ ଏହା ଏକ ସାହାର୍ଯ୍ୟକାରୀ ପକ୍ଷୀ । ଘର ଭିତରର ନାନାଦି ପୋକ ଖାଇ ସଫା କରିଥାଏ । ରାତି ପାହିବା କ୍ଷଣି କିଚିରି ମିଚିରି ଶବ୍ଦ କରି ମଣିଷକୁ ନିଦରୁ ଉଠାଇବାରେ ସାହାର୍ଯ୍ୟ କରିଥାଏ । ଗୋଟିଏ ଘରଚଟିଆ ପକ୍ଷୀର ଲମ୍ୱ ପ୍ରାୟ ୬ ରୁ ୭ ସେମି ମଧ୍ୟରେ ଏବଂ ଓଜନ ପ୍ରାୟ ୩୦ ରୁ ୩୫ ଗ୍ରାମ ଭିତରେ ହେବ । ଏହି ପକ୍ଷୀ ଥରକୁ ୪ ରୁ ୫ଟି ଅଣ୍ଡା ଦେଇଥିବା ବେଳେ ଉକ୍ତ ଅଣ୍ଡାରୁ ଛୁଆ ନିମନ୍ତେ ପ୍ରାୟ ୧୩ରୁ ୧୫ ଦିନ ପର୍ଯ୍ୟନ୍ତ ଉଷୁମାଇଥାଏ ଓ ଗାଁରୁ ହିଁ ବେଶୀ ପରିମାଣର ଖାଦ୍ୟ ଏହି ପକ୍ଷୀମାନେ ସଂଗ୍ରହ କରିଥାନ୍ତି । ଧାନ, ଗହମ, ଡାଲିଦାନା, କୀଟପତଙ୍ଗ, ଜିଆ ପ୍ରଭୃତି ଏମାନଙ୍କର ପ୍ରଧାନ ଖାଦ୍ୟ ହୋଇଥିବା ବେଳେ ଶାବକମାନଙ୍କୁ ମଧ୍ୟ ସେମାନେ ଏହା ଖୁଆଇଥାନ୍ତି । ଏହି ଘର ଚଟିଆ ପକ୍ଷୀ କେବଳ ଯେ ଓଡ଼ିଶା କି ଭାରତର ବିଭିନ୍ନ ରାଜ୍ୟରେ ନୁହେଁ ବରଂ ବ୍ରିଟେନ୍ ଓ ନେଦରଲ୍ୟାଣ୍ଡରେ ମଧ୍ୟ ଦେଖାଯାନ୍ତି । ଘର ଚଟିଆ ୨ ଜାତି ଓ ୧୨ ପ୍ରଜାତିର ରହିଛନ୍ତି । ତେବେ ଘରଚଟିଆ ଧୂଳିରେ ଗଡ଼ିଲେ ବର୍ଷାର ଆଗମନ ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ଆଗରୁ ବହୁ ଘରଚଟିଆ ପକ୍ଷୀ ଦେଖାଯାଉଥିଲେ । କିନ୍ତୁ ସମୟକ୍ରମେ ଗାଁ ଗଣ୍ଡା ଗୁଡିକରୁ ଛଳଛପର ଘର ପରିବର୍ତ୍ତେ କୋଠା ଓ ଆଜବେଷ୍ଟସ୍ ଘର ଗଢ଼ି ଉଠିବା ଫଳରେ ଏହି ପକ୍ଷୀ ବସାବାନ୍ଧି ରହିବାରେ ପ୍ରତିବନ୍ଧକ ସୃଷ୍ଟି ହେଲା । ଏପରିକି ଯେଉଁ କେତୋଟି ସ୍ଥାନ ବା ମନ୍ଦିର ଆଦି ଅଞ୍ଚଳରେ ରହୁଛନ୍ତି, ଉକ୍ତ ସ୍ଥାନରେ ସେମାନେ ନିରାପଦ ମଣୁନାହାନ୍ତି କି ବଂଶ ବିସ୍ତାର ଲାଗି ଘର ପାଉନାହାନ୍ତି । ଏହି ଘରଚଟିଆ ପକ୍ଷୀର ସୁରକ୍ଷା ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୦ରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଛି । ପ୍ରଥମେ ୨୦୧୦ରେ ଏହି ଦିବସ ଆରମ୍ଭ ହୋଇଥିଲା । ଏହି ଦିବସର ଉଦ୍ଦେଶ୍ୟ ହେଲା ଲୋପ ପାଇବାକୁ ବସିଥିବା ଘରଚଟିଆର ସଂରକ୍ଷଣ ମାତ୍ର । ଏହାର ସଂରକ୍ଷଣ ଦିଗ ପ୍ରତି କେହି ଯେପରି ଦୃଷ୍ଟି ଦେଇନଥିବା ପରି ମନେ ହେଉଛି । କେବଳ ସଭାସମିତି ଓ ବୈଠକ ମାଧ୍ୟମରେ ପକ୍ଷୀ ସଂରକ୍ଷଣ କାର୍ଯ୍ୟକ୍ରମ କରି ବିଭନ୍ନ ଗଣମାଧ୍ୟମରେ ନାଁ ବାହାର କରି ବାହା ବାହା ନେବାରେ କିଛି ନ୍ୟସ୍ତସ୍ୱାର୍ଥୀ ବ୍ୟସ୍ତ ଯଦି ପକ୍ଷୀଟି ସ୍ଥାନରେ ନିଜକୁ ରଖି ବିଚାର କରାଯିବ, ତେବେ ତାହାରି ବଂଶର ସୁରକ୍ଷା ଲାଗି ସଭିଏଁ ଅଣ୍ଟା ଭିଡିପାରନ୍ତେ ବୋଲି ସେ ପ୍ରକାଶ କରନ୍ତି । ତେଣୁ ଏବେଠୁ ପଶୁ ଓ ପକ୍ଷୀ ପ୍ରେମୀ, ସ୍ୱେଚ୍ଛାସେବୀ, ପକ୍ଷୀ ବିଶେଷଜ୍ଞ, ବନବିଭାଗ ଗାଁ ଗାଁ ବୁଲି ଏହି ପକ୍ଷୀର ସୁରକ୍ଷା ଲାଗି ସଚେତନ କରନ୍ତେ, ତେବେ ଲୋପ ପାଇବାକୁ ଥିବା ଘର ଚଟିଆର ବଂଶରକ୍ଷା ହୋଇପାରନ୍ତା ବୋଲି ପରିବେଶବିତମାନେ ମତପ୍ରକାଶ କରନ୍ତି ।

# ପ୍ରଶାସନିକ ତତ୍ପରତା ଅଭାବରୁ ସେତୁ ନିର୍ମାଣ ଅଧାରେ ଅଟକିଛି

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**



ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧିନରେ ଥିବା ଏକ ସେତୁ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଥିବାର ଅଭିଯୋଗ ହୋଇଛି । ଏହି ସେତୁ ଲୋକଙ୍କର କୌଣସି କାର୍ଯ୍ୟରେ ଆସୁନଥିବାର ଅଭିଯୋଗ ହୋଇଛି । ସେତୁ ପୂର୍ଣ୍ଣାଙ୍ଗ ନିମନ୍ତେ ପ୍ରଶାସନିକ ସ୍ତରରେ କୌଣସି ତତ୍ପରତା ପ୍ରକାଶ ପାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଅନତି ଦୂରରେ ବୁହାଲୋ ଓ କେନ୍ଦୁପାଟଣା ଉଭୟ ଗ୍ରାମପଞ୍ଚାୟତ ସୀମାନ୍ତରେ ଥିବା ଭୁବନ ଠାରେ ୮ ନମ୍ବର କେନାଲ ଉପରେ ସରକାରଙ୍କ ତରଫରୁ ୨ ବର୍ଷ ତଳେ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ଏହି ସେତୁ ନିର୍ମାଣ କରାଯାଇଥିଲା । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ଏହି ସେତୁଟି ପୂର୍ଣ୍ଣାଙ୍ଗ ହେଲେ ଏହା ଅସୁରେଶ୍ୱରରୁ ଖଇରା ସଂଯୋଗୀକରଣ ନିମନ୍ତେ ବିଶେଷ ସହାୟକ ହୋଇପାରିବ । ଦୁଇ ପଞ୍ଚାୟତ ମଧ୍ୟରେ ମଧ୍ୟ ଏହା ସଂଯୋଗର ସେତୁ ହୋଇପାରିବ । ଏପରିକି ଏହି ଅଞ୍ଚଳ ଚାଷୀ ବହୁଳ ହୋଇଥିବାରୁ ଏହି ସେତୁ ପୂର୍ଣ୍ଣାଙ୍ଗ ହେଲେ ଏହା ନିଶ୍ଚିନ୍ତକୋଇଲି ବଜାର ଓ ହାଟକୁ ସଂଯୋଗ ହୋଇପାରିବ । ଚାଷୀମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ସୁବିଧାରେ ବିକ୍ରୟ କରିପାରିବେ । ସେହିପରି ଭାବେ ଏହି ସେତୁ ନିମନ୍ତେ କୌଣସି ସଂଯୋଗୀ କରଣ ରାସ୍ତା ନିର୍ମାଣ କରାଯାଇନାହିଁ । ସେତୁର ଉଭୟ ପାର୍ଶ୍ୱରେ କୌଣସି ଗାର୍ଡ ୱାଲ ନିର୍ମାଣ କରାଯାଇନାହିଁ । କେନାଲରେ ପାଣି ଆସିଲେ ଏହି କେନାଲ ବନ୍ଧ ଓ ସେତୁ ପ୍ରତି ବିପଦର ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ଅର୍ଦ୍ଧ ନିର୍ମିତ ସେତୁକୁ ପୂର୍ଣ୍ଣାଙ୍ଗ କରାଯିବା ନିମନ୍ତେ ସାଧାରଣରେ ଦାବି ହୋଇଛି ।

## ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ କଂଗ୍ରେସର ସାଙ୍ଗଠାନିକ ସଭା

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ସବୁଲିଆ ଦକ୍ଷିଣେଶ୍ୱର କଲ୍ୟାଣ ମଣ୍ଡପ ପରିସରରେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀ ଜାତୀୟ କଂଗ୍ରେସର ସାଙ୍ଗଠାନିକ ସଭା ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମେଘନାଦ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ୨୯ଗୋଟି ପଞ୍ଚାୟତର କୋଣ ଅନୁକୋଣରୁ କର୍ମୀ ଠାରୁ ନେତା ପର୍ଯ୍ୟନ୍ତ ସାମିଲ ହୋଇ ଭୁତ ଭବିଷ୍ୟତ ଓ ଅତୀତକୁ ଭୃକ୍ଷେପ ନକରି ମେଘନାଦ ଦଳାଇଙ୍କୁ ପୁନର୍ବାର ସଭାପତି ରୂପେ ଚୟନ ସହ କାର୍ଯ୍ୟ ଭାର ସମ୍ଭାଳିବା ପାଇଁ ମନୋନୀତ କରାଯାଇଥିଲା । ତତ୍ ସହିତ ପ୍ରାର୍ଥୀ ଯେ ହେଉନା କାହିଁକି ସର୍ବ ସମ୍ମତି କ୍ରମେ କଂଗ୍ରେସ ଦଳରେ ରହି ଶାନ୍ତିଶୃଙ୍ଖଳା ସହ ସମର୍ଥନ ଜଣାଇ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ସମ୍ମୁଖୀନ ହେବାପାଇଁ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା (ପଶ୍ଚିମ) କଂଗ୍ରେସ ସଭାପତି ରବୀନ୍ଦ୍ରନାଥ ଶର୍ମା, ଖଲ୍ଲିକୋଟ ଏନ.ଏ.ସି. ପୂର୍ବତନ ନଗରପାଳ ବିଜୟ କୁମାର ସାହୁ, ମନମଦନ ସାହୁ, ପି.ସି.ସି. ସଭ୍ୟ ବିଶ୍ୱଜିତ୍ ତରାଇ, ବିପ୍ରଚରଣ ପ୍ରଧାନ, ଅଜୟକୁମାର ପଣ୍ଡା, ଦୀନବନ୍ଧୁ ଅଧିକାରୀ, ଭାସ୍କର ସେଠୀ, ନିରଞ୍ଜନ ଦାସ, ରାମଚନ୍ଦ୍ର ବେହେରା, ପ୍ରଭାତ କୁମାର ସାମନ୍ତରା, ଲମ୍ବୋଦର ବେହେରା, ଲଛମନ ପାତ୍ର, ଅଶ୍ୱିନୀ କୁମାର ପାଣିଗ୍ରାହୀ, ମିଡ଼ିଆ ସଂଯୋଜକ ସୁରେନ୍ଦ୍ରକୁମାର ସାହୁ, ସୁରେଶ କୁମାର ଦାସ, ନାରାୟଣ ବେହେରା, ଅଶ୍ୱିନୀକୁମାର ବେହେରା, ତପନ ପାହାନ, ନରେନ୍ଦ୍ର ନାହାକ, ବନିତା ବେହେରା, ଅଞ୍ଜନା ବେହେରା, ସୁଜ୍ଞାନୀ ପଟ୍ଟନାୟକ, ଗୌରାହାରୀ ପରିଡ଼ା, ଦେବେନ୍ଦ୍ର ଜାଲି, ରମେଶ ଜାଲି, ଚକ୍ରପାଣି ବେହେରା, ଭାଗ୍ୟ ନାହାକ ସମେତ ବହୁ କଂଗ୍ରେସ କର୍ମୀ ଓ ପଦ ପଦାଧିକାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।



## ପଲ୍ଲୀପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର କବିତା ଆସର

**କଟକ, ନ୍ୟୁଜ୍ ବ୍ୟୁରୋ**

ସାରସ୍ୱତ ଅନୁଷ୍ଠାନ ପଲ୍ଲୀପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର କବିତା ଆସର ଓ ଆଲୋଚନା ଚକ୍ର ଗତିରାଉତ ପାଟଣା ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଶିକ୍ଷାବିତ ଚୈତନ୍ୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆସରକୁ ଉଦ୍‌ଘାଟକ ଭାବେ ସମ୍ପର୍କ ସାହିତ୍ୟ ସଂସ୍କୃତି ସଂସଦର ସଭାପତି କୈଳାସ ଚନ୍ଦ୍ର ଜେନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଶ୍ରୀଦୁର୍ଗା ସାହିତ୍ୟ ସଂସଦର ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଡ. ନିରଞ୍ଜନ ସାହୁ, ସମ୍ମାନୀୟ ଅତିଥି ଭାବେ ଆଇନଜୀବୀ ପତିତ ପାବନ ମହାପାତ୍ର, ନିରଞ୍ଜନ ଖଟୁଆ, ଅଶ୍ୱିନୀ କୁମାର ସେଠୀ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ସୁଦୃଢ କରିବା ପାଇଁ ପଲ୍ଲୀପ୍ରତିଭାର ନୂତନ ପିଢି ସୃଷ୍ଟି କରିବା ଏକ ଶୁଭ ଲକ୍ଷଣ ବୋଲି କହିଥିଲେ । ଏହି ଅବସରରେ ଦେଶ ପାଇଁ ବଳିଦାନ ଦେଇଥିବା ଶହିଦ ଭଗତ ସିଂହ, ରାଜଗୁରୁ, ସୁଖଦେବଙ୍କ ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କବି ମନୋରଞ୍ଜନ ପଣ୍ଡା, ରାଜୀବ ଷଡଙ୍ଗୀ ଓ ସରିତା ମହାପାତ୍ରଙ୍କ ସଂଯୋଜନାରେ କବି ବିଧୁଭୂଷଣ ମହାନ୍ତି, କମଳାକାନ୍ତ ନାୟକ, ଗୀତାରାଣୀ ରାଉତ, ଶ୍ରୀୟା ସନ୍ତୋଷୀ ପାତ୍ର, ଆଦିତ୍ୟ ରଞ୍ଜନ ଦାଶ, ଭଗବତୀ ଖଟୁଆ, ଡ. ବସନ୍ତ କୁମାରୀ ନନ୍ଦ, ତପନ କୁମାର ସ୍ୱାଇଁ, ମଧୁସ୍ମିତା ମିଶ୍ର, ମହେନ୍ଦ୍ର କୁମାର ମହାପାତ୍ର, ରାଜକିଶୋର ସ୍ୱାଇଁ, ସଚ୍ଚିଦାନନ୍ଦ କର, ପୀତାମ୍ବର ମହାପାତ୍ର, ବିମଳ କୁମାର ଦାଶ, ନିରୁପମା ସାହୁ, ଡେଜି ରାଉତ, ସନ୍ତୋଷ କୁମାର ପଣ୍ଡା, ଜୟନ୍ତି ପତି, ଦିବ୍ୟାଶ୍ରୀ ଜେନା, ରଘୁନାଥ ତ୍ରିପାଠୀ, ରତନ କୁମାର ମହାନ୍ତି, ପ୍ରଭାତୀରାଣୀ ମହାନ୍ତି, ରଶ୍ମୀତା ନାୟକ, ଭାଗ୍ୟଲକ୍ଷ୍ମୀ ନାୟକ, କୁନଲତା ତ୍ରିପାଠୀ, ସ୍ନେହଲତା ଦ୍ୱିବେଦୀ, ଚିନ୍ମୟୀ ଆଚାର୍ଯ୍ୟ, ଅକ୍ଷୟ କୁମାର ମିଶ୍ର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସମ୍ପାଦିକା ଗୀତାଞ୍ଜଳି ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ । ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାନ୍ଧୀଙ୍କ କଟକ ଆଗମନର ୧୦୩ ବର୍ଷ ପୂର୍ତ୍ତି ପାଳନ

**କଟକ, ନ୍ୟୁଜ୍ ବ୍ୟୁରୋ**



ମହାତ୍ମା ଗାନ୍ଧୀଙ୍କର ପ୍ରିୟ ଭୂମି ଥିଲା ଓଡ଼ିଶା । କଟକକୁ ସେ ଅନେକଥର ଆସିଥିଲେ । ବାପୁ ଗ୍ରାମାଞ୍ଚଳର ବିକାଶ ମାଧ୍ୟମରେ ଦେଶର ବିକାଶ କରିବା ଚାହୁଁଥିଲେ । କଟକକୁ ସେ ବାରମ୍ବାର ଆସିଥିବାରୁ କଟକ ଜିଲ୍ଲା ଗ୍ରାମାଞ୍ଚଳର ଉନ୍ନତି ସାଧନ କରିବା ତଥା ତାଙ୍କ ବିଚାରାଧାରାରେ ଆମେ ସମସ୍ତେ ସାମିଲ ହୋଇ ଦାୟିତ୍ୱବୋଧତାର ସହ କଟକ ଜିଲ୍ଲା ପାଇଁ କାର୍ଯ୍ୟ କରିବା ଆଦି ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ ସହ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଆୟୋଜିତ ଗାନ୍ଧୀଙ୍କର ଓଡ଼ିଶା ଆଗମନର ୧୦୩ ବର୍ଷ ପୂର୍ତ୍ତି ଅବସରରେ ଜୁଡିସିଆଲ ଏକାଡେମୀ ନିକଟସ୍ଥ ଗାନ୍ଧୀ ପାର୍କ ଠାରେ କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ବିନୀତ ଭରଦ୍ୱାଜ ଗାନ୍ଧୀଜୀଙ୍କ ସ୍ଥାପତ୍ୟ କଳା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ନିଜର ମତବ୍ୟକ୍ତ ପ୍ରକାଶ କରିଥିଲେ । ଏଥିସହ କସ୍ତୁରବା ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ରାଷ୍ଟ୍ରପିତାଙ୍କ ଓଡ଼ିଶା ବିଶେଷ ଭାବେ ଆଗମନର ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଏହି ଐତିହାସିକ ସ୍ମାରକୀ ସ୍ଥଳର ଆବଶ୍ୟକ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ଅତିଥିମାନଙ୍କ ଉପସ୍ଥିତରେ ଜିଲ୍ଲାପାଳ କହିଥିଲେ । ଏହି ଭବ୍ୟ କାର୍ଯ୍ୟକ୍ରମରେ ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କ ସହ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି, ମିହିର ପ୍ରତାପ ଦାସ, ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସମ୍ପାଦକ ଜୟନ୍ତ କୁମାର ଦାସ, ସର୍ବୋଦୟ ନେତା, ବିଜୟ କୁମାର ତ୍ରିପାଠୀ, ପ୍ରସନ୍ନ କୁମାର ମହାପାତ୍ର, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ, ଲୋହିଆ ଏକାଡ଼େମୀର ସମ୍ପାଦକ, ଦେବ ପ୍ରସାଦ ରାୟ ପ୍ରମୁଖଙ୍କ ସମେତ ଉକ୍ତ ଅନୁଷ୍ଠାନ ମାନଙ୍କର ତଥା ଗାନ୍ଧୀ ବିଚାରଧାରାର ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଗାନ୍ଧୀଜୀଙ୍କର ସ୍ମୃତିଚାରଣ କରିବା ସହ ଗାନ୍ଧୀ, କସ୍ତୁରବା ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀ, ନଳିନୀକାନ୍ତ ସାହୁ, ଭାରାପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅଭିରାମ ଦାସ ଓ ଗାନ୍ଧୀ ସ୍ମାରକ ନିଧିର କେନ୍ଦ୍ରୀୟ ଟ୍ରଷ୍ଟୀ ଡାକ୍ତର ବିଶ୍ୱଜିତ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭଗତ ସିଂହଙ୍କ ୯୩ତମ ସହିଦ ଦିବସ ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତ ଛାତ୍ର ସଂଘ ଓ ଅଖିଳ ଭାରତ ଶ୍ରମିକ ସଂଘ ତରଫରୁ ସହିଦ୍ ଭଗତ ସିଂହଙ୍କ ୯୩ ତମ ସହିଦ୍ ଦିବସ ପାଳନ ହୋଇଯାଇଛି । ଜିଲ୍ଲା ବିକାଶ ସାମୁଖ୍ୟ କାର୍ଯ୍ୟାଳୟ ପରିସରରେ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରାନ୍ତିକାରୀ ସହିଦ୍ ଭଗତ ସିଂହ, ସୁଖଦେବ ରାଜଗୁରୁଙ୍କର ଫାସୀ ଦିବସ ପାଳନ ହୋଇଯାଇଛି । ଉକ୍ତ ସହିଦ୍ ଦିବସରେ ଏକ ସେମିନାର 'ଆମ ଦେଶର ଅତୀତ, ବର୍ତ୍ତମାନର ଭବିଷ୍ୟତର ସମ୍ବିଧାନ କେତେ ସୁରକ୍ଷିତ' ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପ୍ରାଧ୍ୟାପକ ଅଜୟ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରମେଶ ଚନ୍ଦ୍ର ନାୟକ ସମ୍ମାନିତ ଅତିଥି ଭାବେ, ଶ୍ରୀଧର ମହାନ୍ତି, ସୀତାକାନ୍ତ ନାୟକ, ବୈଷ୍ଣବ ଚରଣ ସ୍ୱାଇଁ ପ୍ରମୁଖ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଆଇନଜୀବୀ ରମଣୀ ରଂଜନ ରାଉତରାୟ ଯୋଗଦେଇ ସ୍ୱାଧିନତା ପରେ ଓ ବର୍ତ୍ତମାନ ସମ୍ବିଧାନ ସଙ୍କଟରେ ଥିବା ମତବ୍ୟକ୍ତ କରିଥିଲେ । ସେଥିପାଇଁ ସମସ୍ତ ଭଗତ ସିଂହଙ୍କ ପଥ ଆଦରି ନେଇ ସଂଗ୍ରାମର ସ୍ୱରକୁ ତୀବ୍ର କରିବାକୁ ମତ ଦେଇଥିଲେ । ଉକ୍ତ ବୈଠକରେ ସାଥୀ ପ୍ରଦୋଷ ବେହୁରା, ବିକାଶ ଚନ୍ଦ୍ର ବେହୁରା, କ୍ରାନ୍ତିପ୍ରଭା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସଭା ଶେଷରେ ସଂଯୁକ୍ତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଭିମାନ ପ୍ରକାଶନର ତୃତୀୟ ବାର୍ଷିକ ଉତ୍ସବ



**ଯାଜପୁର ରୋଡ଼, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ରୋଡ଼ ସ୍ଥିତ ଉତ୍ସବ ପ୍ୟାଲେସରେ ଅଭିମାନ ପ୍ରକାଶନର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏ ଉପଲକ୍ଷେ ଆୟୋଜିତ ସଭାରେ କବି ପ୍ରଭାକର ଶତପଥୀ, ରାଜକିଶୋର ପାଢ଼ୀ, ବିଦ୍ୟୁତଲତା ଦାସ, ଭବାନୀ ଭୂୟାଁ ଓ ପ୍ରଦୀପ କୁମାର ରାୟ ଅତିଥି ରୂପେ ଯୋଗଦେଇ ସାହିତ୍ୟ ସର୍ଜନର ବିଭିନ୍ନ ବିଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ସଭାରେ ମିରିନା ମହାନ୍ତିଙ୍କ କବିତା ସଂକଳନ ଶିଖା, ଜୟନ୍ତୀ ଜେନାଙ୍କ ଉପନ୍ୟାସ ଫେରନ୍ତା ପକ୍ଷୀର ସ୍ୱର, ପବିତ୍ର ମୋହନ ଦାଶଙ୍କ କବିତା ବହି ରକ୍ତଶସ୍ୟ, ମାନମୟୀ ରଥଙ୍କ ଚିଠି ସଂକଳନ ଅଜ୍ଞାତ ଠିକଣା ଓ ଅଭିଷେକ କାଶ୍ୟପଙ୍କ ନନ୍ଦିତା ମହାନ୍ତି କୃତ ଅନୁବାଦ ଗଳ୍ପ ବହି କଥା କିମ୍ୱଦନ୍ତୀ ଇତ୍ୟାଦି ଉନ୍ମୋଚିତ ହୋଇଥିଲା । ଉନ୍ମୋଚିତ ବହିଗୁଡ଼ିକର ସମୀକ୍ଷା ଉପସ୍ଥାପିତ ହୋଇଥିଲା । ସମଗ୍ର ଆସରକୁ ସୁଚାରୁ ରୂପେ ସଂଚାଳନ କରିଥିଲେ କବି ପଦ୍ମଜା ଶରଣ । ପ୍ରକାଶିକା ମାନମୟୀ ରଥଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏ ସଭାରେ ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ଓମ୍ ଅଭଜ୍ଞାନ ସାହୁ, ସୁପ୍ତି କର, ଲାବଣ୍ୟ ନାୟକ, ଅମୀୟ ବେଜ, ବବିତା ସାହୁ ଓ ସୁବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଦୀପ ରାୟଙ୍କୁ ଜଗନ୍ନାଥ ଦାଶ ସ୍ମୃତି ସମ୍ମାନ, ସସ୍ମିତା ମହାନ୍ତି ଓ ଅଜୟ କୁମାର ମହାନ୍ତିଙ୍କୁ ସର୍ଜକ ଯୁଗଳ ସମ୍ମାନ ଓ ଶ୍ରୀମାନ ସର୍ବଗିଳାଙ୍କୁ ଗୋବିନ୍ଦ ଚନ୍ଦ୍ର ଦାଶ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ମିରିନା ମହାନ୍ତି ।

## 'ପ୍ରକାଶ ଅନୁଭୂତି' ଉନ୍ମୋଚିତ ଓ ଶ୍ରଦ୍ଧା ସମର୍ପଣ ଉତ୍ସବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବରିଷ୍ଠ ସାମ୍ବାଦିକ ତଥା କଳିଙ୍ଗ ଟିଭିର ଦକ୍ଷିଣ ଓଡ଼ିଶା ମୁଖ୍ୟ ପ୍ରକାଶ ପଟ୍ଟନାୟକଙ୍କ ସାମ୍ବାଦିକତା ଜୀବନୀକୁ ନେଇ ତାଙ୍କ ଦ୍ୱାରା ରଚିତ ପୁସ୍ତକ ପ୍ରକାଶ ଅନୁଭୂତି ପ୍ରକାଶର ଶ୍ରଦ୍ଧା ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସରକାରୀ ଆଇଟିଆଇ ପ୍ରେକ୍ଷାଳୟରେ ଅଭିଶେକ କ୍ରିଏସନ୍ ପକ୍ଷରୁ ରବିବାର ଆୟୋଜିତ ଏହି ଉତ୍ସବରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ , ପୂର୍ବତନ କୁଳପତି ପ୍ରଫେସର ମନ୍ମଥ ପାଢୀ, ବ୍ରହ୍ମପୁର ଆକାଶବାଣୀର ପୂର୍ବତନ ସହ-ନିର୍ଦ୍ଦେଶକ ହୃଷିକେଶ ପାଣିଗ୍ରାହୀ, ବିଶିଷ୍ଟ କବି ତଥା ପ୍ରାଧ୍ୟାପକ ବିପିନ ନାୟକ, କଥା ବାଚକ ଶରଣାରବିନ୍ଦ ଓଝା ପ୍ରମୁଖ ଅତିଥି ରୁପେ ଯୋଗଦାନ କରି ଏପରି ପୁସ୍ତକ ଯୁବ ସାମ୍ବାଦିକ ମାନଙ୍କ ପାଇଁ ପଥ ପ୍ରଦର୍ଶକ ହେବ ବୋଲି ମତ ରଖିଥିଲେ । କଳିଙ୍ଗ ଟିଭିର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡଃ ଅଚ୍ୟୁତ ସାମନ୍ତଙ୍କ କରମକଳରେ ପୂର୍ବରୁ ଉନ୍ମୋଚିତ ହୋଇଥିବା ଏହି ପୁସ୍ତକର ସମର୍ପଣ ଉତ୍ସବରେ ବହୁ ସାମ୍ବାଦିକ, ସାହିତ୍ୟିକ ଓ କଳାକାର ଯୋଗଦାନ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରକାଶଙ୍କ ସାମ୍ବାଦିକତା ଅନୁଭୂତି ସହ ଯୋଡ଼ି ହୋଇଥିବା ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗାଳ୍ପିକ ସୁନନ୍ଦା ଚୌଧୂରୀଙ୍କ ପୁସ୍ତକ ଅୟମାରମ୍ଭକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ପ୍ରକାଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିରିଷ୍ଟ ସାମ୍ବାଦିକ ତଥା ସାହିତ୍ୟିକ ସୁଦାମବନ୍ଧୁ ଭଟ୍ଟମିଶ୍ର ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ସାମ୍ବାଦିକ ସୁଦିପ ସାହୁ ଓ ରଶ୍ମିତା ଦଳେଇ ମଞ୍ଚ ପରିଚାଳନା କରିଥିବା ବେଳେ ସୁନନ୍ଦା ଚୌଧୂରୀ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



## ରାଇଘର ବ୍ଲକର ୧୧ ଶିକ୍ଷାନୁଷ୍ଠାନକୁ ତମାଖୁମୁକ୍ତ ଶିକ୍ଷା ପ୍ରତିଷ୍ଠାନ ରୂପେ ସମ୍ବର୍ଦ୍ଧନା

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତମାଖୁ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ବ୍ଲକର ମୋଟ ୧୧ ଗୋଟି ଶିକ୍ଷାନୁଷ୍ଠାନ ତମାଖୁ ମୁକ୍ତ ଶିକ୍ଷା ପ୍ରତିଷ୍ଠାନ ଭାବେ ଚିହ୍ନଟ ହୋଇଥିବା ବେଳେ ଶନିବାର ସ୍ୱତନ୍ତ୍ର ଭାବେ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସମ୍ମିଳନୀ କକ୍ଷ ଠାରେ ଏହି ଅନୁଷ୍ଠାନ ଗୁଡିକୁ ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଦଶରଥ ନାଗ, ପିଏଚଇଓ ହନୁମନ୍ତ ମାଝୀ, ବିପିଏମ ସୁରେଶ ବେବର୍ତ୍ତା, ସୁପରଭାଇଜର ଏମଆରକେ ରାଜୁ ସହ ସମସ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ୧୧ ଗୋଟି ଶିକ୍ଷା ଅନୁଷ୍ଠାନର କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ । ତମାଖୁ ନିଷେଧକୁ ଗୁରୁତ୍ୱ ଦେଇ ରାଇଘର ବ୍ଲକର ୨୬ ଗୋଟି ପଞ୍ଚାୟତ ଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା କର୍ମୀ, ଶିକ୍ଷାନୁଷ୍ଠାନ ସହ ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଅଞ୍ଚଳର ଏକ ରିପୋର୍ଟ ପ୍ରସ୍ତୁତ ହୋଇଥିଲା । ବ୍ଲକରେ ୩୫ ପ୍ରତିଶତ ମହିଳା ତମାଖୁ ସେବନ କରୁଥିବା ବେଳେ ୬୨ ପ୍ରତିଶତ ପୁରୁଷ ତମାଖୁ ସେବନ କରୁଛନ୍ତି । ତେବେ ଦିନକୁ ଦିନ ରାଇଘର ବ୍ଲକରେ ତମାଖୁ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି । ଏହା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ହିଁ ଏକମାତ୍ର ଉପାୟ ବୋଲି ଗୋଷ୍ଠୀ ଚିକିତ୍ସା ଅଧିକାରୀ ଦଶରଥ ନାଗ ପ୍ରକାଶ କରିଥିଲେ । ଏହି ଅବସରରେ ରାଇଘର ବ୍ଲକର ଖୁଟୁକ, ଟିମନପୁର, ଉଦୟପୁର, କାଉଡୋଳା, ବିନୟପୁର, ଗୋନା, ହଳଦୀ, ସରଗୁଲି, କଲିଆପଦର, ଆଦର୍ଶ ବିଦ୍ୟାଳୟ ଓ ରାଇଘର କଲେଜ ଭଳି ମୋଟ ୧୧ ଗୋଟି ଅନୁଷ୍ଠାନକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତମାଖୁ ମୁକ୍ତ ଶିକ୍ଷା ପ୍ରତିଷ୍ଠାନ ଭାବେ ସମ୍ବର୍ଦ୍ଧନା କରଯାଇଥିଲା ।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ବିଦାୟ କାଳୀନ ସମ୍ବର୍ଦ୍ଧନା

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ଆଦିବାସୀ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ଼ଃ.ବିଭୂତି ଭୂଷଣ ଆର୍ଚ୍ଚର୍ଯ୍ୟଙ୍କ ଆବାହକତ୍ୱରେ ଅନ୍ତିମ ବର୍ଷ ଛାତ୍ର ଛାତ୍ରୀଙ୍କୁ ମେଳାଣି ମହୋତ୍ସବ ମାଧ୍ୟମରେ ପ୍ରଥମ ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ପ୍ରଥମେ ଶ୍ରୀଜଗନ୍ନାଥ ଫଟୋଚିତ୍ରରେ ଧୂପ ଦୀପ ପ୍ରଜ୍ଜଳନ କରି ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି, ମୁଖ୍ୟ ବକ୍ତା ଭାବେ ବିଭାଗର ଅଧାପିକା ସୁଲୋଚନା କହଁର, ଅଧାପିକା ସ୍ନେହଲତା ମାଝୀ ପ୍ରମୁଖ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ । ପରେ ପରେ ଛାତ୍ରଛାତ୍ରୀ ମାନେ ନିଜ ନିଜର ବିଦାୟ କାଳୀନ ମତାମତ ପ୍ରଦାନ କରିଥିଲେ ।

# ୨୦୨୪ ନିର୍ବାଚନ ପାଇଁ ବହୁଜନ ମୁକ୍ତି ପାର୍ଟିର ପ୍ରସ୍ତୁତି ବୈଠକ

**ବାଲେଶ୍ୱର, ନ୍ୟୁଜ୍**



ବହୁଜନ ମୁକ୍ତି ପାର୍ଟି ପକ୍ଷରୁ ଆଗାମୀ ୨୦୨୪ ଲୋକସଭା ତଥା ଓଡ଼ିଶା ବିଧାନସଭା ନିର୍ବାଚନକୁ ନେଇ ବାଲେଶ୍ୱର ଉଠା ଜଳସେଚନ କର୍ମଚାରୀ ସଂଘ ଭବନ ଠାରେ ଏକ ଜିଲ୍ଲା ସ୍ତରୀୟ ବୈଠକ ଆୟୋଜନ କରାଯାଇଥିଲା । ପାର୍ଟିର ରାଷ୍ଟ୍ରୀୟ ସଚିବ ଏବଂ ଓଡ଼ିଶା ରାଜ୍ୟ ପ୍ରଭାରୀ ଭାବରେ ଦାୟିତ୍ୱରେ ଥିବା ଭରତଚନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଓଡ଼ିଶାର ସାମାଜିକ, ରାଜନୈତିକ, ଆର୍ଥିକ, ଶୈକ୍ଷଣିକ, ସାଂସ୍କୃତିକ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ତଥା ବର୍ତ୍ତମାନ ସମୟରେ ଦେଶବ୍ୟାପୀ ମହାମାରୀର ରୂପ ଧାରଣ କରିଥିବା ବେରୋଜଗାରି, ଅତ୍ୟାବଶ୍ୟକ ଜିନିଷ ଗୁଡ଼ିକର ଆକାଶ ଛୁଆଁ ମୂଲ୍ୟବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା । ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ବହୁଜନ ମୁକ୍ତି ପାର୍ଟି ୧୦୦ ଟଙ୍କିଆ ଷ୍ଟାମ୍ପ ପେପରରେ ଲିଖିତ ଘୋଷଣାପତ୍ର ଜାରି କରି ଏଥର ୨୦୨୪ ସାଧାରଣ ନିର୍ବାଚନ ମୈଦାନରେ ପଦାର୍ପଣ କରିବାକୁ ଅଣ୍ଟା ଭିଡିଛି । ଭାରତରେ ବହୁଜନ ମୁକ୍ତି ପାର୍ଟି ବ୍ୟତିତ ଏମିତି କୌଣସି ରାଜନୈତିକ ଦଳ ନାହିଁ ଯିଏ ନିର୍ବାଚନ ଘୋଷଣାପତ୍ର ଷ୍ଟାମ୍ପ ପେପରରେ ଲିଖିତ ଭାବରେ ଜାରି କରେ । ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି ଯେ ବାଲେଶ୍ୱର ଜିଲ୍ଲାରେ ଥିବା ଏକମାତ୍ର ଲୋକସଭା ଆସନ ସହିତ ସମସ୍ତ ୮ଟି ଯାକ ବିଧାନସଭା ଆସନରେ ଏଥର ବହୁଜନ ମୁକ୍ତି ପାର୍ଟି ପକ୍ଷରୁ ଜନସାଧାରଣଙ୍କ ସବୁ ସମସ୍ୟା ଦୂର କରିବା ପାଇଁ ପ୍ରାର୍ଥୀ ଦେବାକୁ ପ୍ରସ୍ତୁତି ଆରମ୍ଭ କରିଅଛି । ଏହି ବୈଠକରେ ଅଂଶଗ୍ରହଣ କରିଥିବା ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ବିଦ୍ୟାର୍ଥୀ ମୋର୍ଚ୍ଚାର ରାଷ୍ଟ୍ରୀୟ ସଂଯୋଜକ ସୌମ୍ୟରଞ୍ଜନ ଆଢ୍ୟ, ବହୁଜନ କ୍ରାନ୍ତି ମୋର୍ଚ୍ଚାର ରାଜ୍ୟ ସଂଯୋଜିକା ଆଇନଜୀବୀ ସେବତୀ ସୋରେନ, ବାଲେଶ୍ୱର ବହୁଜନ ମୁକ୍ତି ପାର୍ଟୀ ପ୍ରଭାରୀ ସାଧୁ ଚରଣ ମଲ୍ଲିକ, କୈବଲ୍ୟ ଦାସ, କରମଜୀତ ସିଂ, ନିରଞ୍ଜନ କୁଜୁର, ବାଇଧର ସିଂ, ନାରାୟଣ ଦାସ ଓ ବୈଦ୍ୟନାଥ ସିଂଙ୍କ ସମେତ ସମସ୍ତ ଆଶାୟୀ ବିଧାୟକ ଏବଂ ସାଂସଦ ପ୍ରାର୍ଥୀ ଓ ବହୁ ସଂଖ୍ୟକ ସମର୍ଥକ ଉପସ୍ଥିତ ଥିଲେ ।

## ଦେବୀ ଚଣ୍ଡୀଙ୍କ ମନ୍ଦିର ବର୍ଷ ପୂର୍ତ୍ତି ଅବସରରେ ନାମଯଜ୍ଞ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚଣ୍ଡିତଳ ଗ୍ରାମ ଠାରେ ଥିବା ମା' ଚଣ୍ଡି ଦେବୀଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଷ୍ଟପ୍ରହର ନାମଯଜ୍ଞ ଓ ଚଣ୍ଡିପାଠ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଚଣ୍ଡି ମନ୍ଦିର ପୂଜା କମିଟି ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ଦଳ ସହ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ । ନଗର କୀର୍ତ୍ତନ ସହ ନାମଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ପ୍ରଚାରକୁ ବିଶ୍ୱାସ କରି ଭାରତ ବଡ଼ ଭୁଲ କରୁଛି

ଦେଶରେ ଥିବା ଢାଞ୍ଚାଗତ ସମସ୍ୟାର ସମାଧାନ କରିବା ବଦଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ହେଉଥିବା ପ୍ରଚାର ଉପରେ ବିଶ୍ୱାସ କରି ଭାରତ ବଡ଼ ଭୁଲ କରୁଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ କହିଛନ୍ତି। ମୋଦୀ ସରକାରଙ୍କ ନୀତିକୁ ସମାଲୋଚନା କରିବାର ସୁଯୋଗ ହାତଛଡ଼ା କରୁନଥିବା ରାଜନ କହିଛନ୍ତି ଯେ ବହୁ ବର୍ଷର କଠିନ ପରିଶ୍ରମ ପରେ ଏହି ପ୍ରଚାର ସତ ହୋଇଛି। ମାତ୍ର ରାଜନେତାମାନେ ଏହି ବିଶ୍ୱାସ ଦେବାକୁ ଚାହୁଁଛନ୍ତି ଯେ ଆମେ ଆସି ଠିକ୍ ଜାଗାରେ ପହଞ୍ଚିଯାଇଛନ୍ତି। ତେବେ ସେହି ପ୍ରଚାର ଉପରେ ବିଶ୍ୱାସ କରିବା ଭାରତ ପାଇଁ ସବୁଠୁ ବଡ଼ ଭୁଲ ହେବ ବୋଲି ସେ କହିଛନ୍ତି।ରାଜନଙ୍କ ମତରେ ନିର୍ବାଚନ ପରେ ଗଠନ ହେବାକୁ ଥିବା ନୂଆ ସରକାରଙ୍କ ପାଇଁ ସବୁଠୁ ବଡ଼ ଆହ୍ୱାନ ହେଉଛି ଶିକ୍ଷା ଓ ଦକ୍ଷତା ବିକାଶରେ ଉନ୍ନତି ଆଣିବା। ତାହା ନକଲେ ଜନସଂଖ୍ୟାରେ ଥିବା ଯୁବବର୍ଗର ଲାଭକୁ ଭାରତ ହାସଲ କରିପାରିବ ନାହିଁ।

ଭାରତର ୧୪୦ କୋଟି ଲୋକଙ୍କ ମଧ୍ୟରୁ ଅଧାରୁ ଅଧିକ ଲୋକଙ୍କ ବୟସ ୩୦ ବର୍ଷରୁ କମ୍ ରହିଛି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଯେଉଁ ଆକାଂକ୍ଷା ରହିଛି ସେ ସମ୍ପର୍କରେ ରାଜନ କହିଛନ୍ତି ଯେ ଯେଉଁଠାରେ ଦେଶର ଅଧିକାଂଶ ପିଲା ହାଇସ୍କୁଲ ପର୍ଯ୍ୟନ୍ତ ପଢ଼ିପାରୁନାହାନ୍ତି ଏବଂ ଅଧାରୁ ପାଠପଢ଼ା ଛାଡୁଥିବା ପିଲାଙ୍କ ସଂଖ୍ୟା ଏତେ ଅଧିକ ରହିଛି, ସେଠାରେ ଏଭଳି ଆକାଂକ୍ଷା ଅତ୍ୟନ୍ତ ବାଜେ କଥା। ଆମ ପାଖରେ ବହୁ ସଂଖ୍ୟାରେ ଯୁବକଯୁବତୀ ରହିଛନ୍ତି। ଯଦି ସେମାନଙ୍କୁ ନିଯୁକ୍ତି ମିଳିବ ତେବେ ତାହାର ଲାଭ ଅର୍ଥନୀତିକୁ ମିଳିବ। ଏହା ନହେବା ଆମ ପାଇଁ ସବୁଠୁ ବଡ଼ ଦୁଃଖର ବିଷୟ। ଭାରତକୁ ପ୍ରଥମେ ଶ୍ରମ ଶକ୍ତିକୁ ନିଯୁକ୍ତି ପାଇବା ଲାଗି ଯୋଗ୍ୟ କରିବାକୁ ପଡ଼ିବ ଏବଂ ପରେ ସେମାନଙ୍କ ଲାଗି ନିଯୁକ୍ତି ସୃଷ୍ଟି କରିବାକୁ ପଡ଼ିବ ବୋଲି ରାଜନ କହିଛନ୍ତି। ଭାରତୀୟ ସ୍କୁଲରେ ଶିକ୍ଷାର ମାନରେ ଅବନତି ଘଟିଛି। ୨୦୧୨ ପୂର୍ବ ସମୟ ଭଳି ସ୍ଥିତି ଫେରି ଆସିଛି। ସାକ୍ଷରତା ହାରରେ ଭିଏତନାମ୍ଠାରୁ ଭାରତ ପଛରେ ରହିଛି। ଶିକ୍ଷାରେ ଅଧିକ ବ୍ୟୟ କରିବା ବଦଳରେ ଚିପ୍ ନିର୍ମାଣ ଲାଗି ସବ୍‌ସିଡି ଆକାରରେ ଅଧିକ ପାଣ୍ଠି ଦେବା ପାଇଁ ସରକାର ଯେଉଁ ନୀତି ପ୍ରସ୍ତୁତ କରିଛନ୍ତି ତାହା ବିଭ୍ରାନ୍ତୀକରଣ ବୋଲି ସେ କହିଛନ୍ତି।

# ଗୁଡ୍ ଫ୍ରାଇଡେ: ପ୍ରଭୁଯୀଶୁଙ୍କ କ୍ରୁଶୀୟ ମୃତ୍ୟୁ ଦିବସ ଓ ବାର୍ତ୍ତା

ଆଚାର୍ଯ୍ୟ ଡାକ୍ତର ବ୍ରଜକାନ୍ତ ସିଂ
ଜାଗମରା, ଭୁବନେଶ୍ୱର
brajakanta@gmail.com



ଦୁଇ ହଜାର ବର୍ଷ ପୂର୍ବେ ଆଜିର ଦିନରେ ପ୍ରଭୁ ଯୀଶୁ ସମସ୍ତ ମାନବଜାତିକୁ ପାପରୁ ପରିତ୍ରାଣ ବା ମୁକ୍ତି କରିବା ନିମନ୍ତେ କୃଶରେ ଟଙ୍ଗାଗଲେ ଓ କୃଶ ଉପରେ ନିଜ ଜୀବନକୁ ବଳିଦାନ କଲେ । ଏଣୁ ଆଜିର ଦିନକୁ 'ଶୁଭ ଶୁକ୍ରବାର' ବା 'ଉତ୍ତମ ଶୁକ୍ରବାର' ନାମରେ ନାମିତ କରାଯାଇଛି । ପବିତ୍ର ବାଇବଲ କୁହେ, ସେ ଜଣେ ନିଷ୍ପାପୀ ଓ ନିର୍ଦ୍ଦୋଷ ହେଲେ ମଧ୍ୟ ତାଙ୍କୁ କୃଶ ଦଣ୍ଡ ଦିଆଗଲା ଅର୍ଥାତ୍ ତାହାଙ୍କ ପାଦରେ ଓ ହସ୍ତରେ ଲୁହାର କଣ୍ଟା ବାଡେଇ ଏବଂ ମୁଣ୍ଡରେ କଣ୍ଟାର ମୁକୁଟ ପିନ୍ଧାଇ କୃଶ ଉପରେ ଝୁଲାଇ ଦିଆଗଲା । ଯେପରି ଲେଖାଯାଏ – 'ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ; ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ଷିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ ।' ଏଥିପାଇଁ ପ୍ରଭୁଯୀଶୁଙ୍କୁ ଶାନ୍ତିର ରାଜକୁମାର ବୋଲି କୁହାଯାଇଛି । ସେ ଜଗତରେ ଥିବା ସମୟରେ କହିଲେ, 'ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ଜଗତ ଯେପରି ଶାନ୍ତି ଦାନ କରେ ସେପରି ମୁଁ ଶାନ୍ତି ଦାନ କରେ ନାହିଁ ବରଂ ମୁଁ ମୋ ନିଜର ଶାନ୍ତି ତୁମ୍ଭମାନଙ୍କୁ ପ୍ରଦାନ କରେ ।'

ବିଚାରକର୍ତ୍ତା ପିଲାତ ଯେତେବେଳେ ଯୀଶୁଙ୍କୁ ବିଚାର କରୁଥିଲେ, ସେତେବେଳେ ସେ ଯୀଶୁଙ୍କ ବିପକ୍ଷ ବା ଅଭିଯୋଗକାରୀମାନଙ୍କୁ ଏହି ମନ୍ତବ୍ୟ ଦେଲେ, 'ଆମ୍ଭେ ଏହାଙ୍କଠାରେ କୌଣସି ଦୋଷ ପାଉ ନାହୁଁ ।' ପୁନର୍ବାର ବିଚାର କରି ଆଉ ଥରେ ସେ ମନ୍ତବ୍ୟ ଦେଲେ ଯେ, 'ଦେଖ, ଆମ୍ଭେ ଯେ ତାହାଠାରେ କୌଣସି ଦୋଷ ପାଉନାହୁଁ ।' ଜଣେ ବିଚାରପତି ବାରମ୍ବାର ବିଚାର କରି ଏକ ସିଦ୍ଧାନ୍ତରେ ଉପନୀତ ହୋଇ ଏ ପ୍ରକାର ଅଭିଯୁକ୍ତଙ୍କ ବିଷୟରେ ଦୋଷଶୂନ୍ୟ ମନ୍ତବ୍ୟ ଦେଲେ ମଧ୍ୟ ତାଙ୍କୁ ୩୯ ଥର କୋରଡା ପ୍ରହାର କରାଇବା ଓ କୃଶରେ ଟଙ୍ଗାଇବା ଦଣ୍ଡ ଘୋଷଣା କରିବା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ । କାରଣ ଜଣେ ବିଚାରପତି ବିଚାର କରି ନିର୍ଦ୍ଦୋଷ ପ୍ରମାଣିତ ହେଲେ ମଧ୍ୟ କିପରି ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ସଜା ଶୁଣାଇଲେ ! ଏହି ଆଶ୍ଚର୍ଯ୍ୟ ବିଷୟ ଘଟିଲା ଏଥିପାଇଁ ଯେପରି ଧର୍ମଶାସ୍ତ୍ର ସଫଳ ହେବ । କାରଣ ଯୀଶୁଙ୍କ ଜନ୍ମର ଶହ ଶହ ବର୍ଷ ପୂର୍ବେ ପବିତ୍ର ବାଇବଲର ଭାବବାଦୀ ଯିଶାଇୟ ଯୀଶୁଙ୍କ ବିଷୟରେ ଏହି ଭାବବାଣୀ ବାକ୍ୟ କହିଥିଲେ, 'ସେ କୌଣସି ଦୌରାତ୍ମ୍ୟ ନ କଲେ ହେଁ ଓ ତାହାଙ୍କ ମୁଖରେ କୌଣସି ଛଳ ନ ଥିଲେ ହେଁ ଲୋକମାନେ ଦୁଷ୍ଟଗଣର ସହିତ ସମାନ କଲେ । ସେ ଉପଦ୍ରବ ପ୍ରାପ୍ତ ହେଲେ, ତଥାପି ସେ ଆପଣାକୁ ନମ୍ର କରି ଆପଣା ମୁଖ ଫିଟାଇଲେ ନାହିଁ । ସେ ଉପଦ୍ରବ ଓ ବିଚାର ଦ୍ୱାରା ଦୂରୀକୃତ ହେଲେ । ତାହାଙ୍କ ପ୍ରାଣକୁ ଈଶ୍ୱର ପାପାର୍ଥକ ବଳି କଲେ ଓ ତାହାଙ୍କୁ ଚୂର୍ଣ୍ଣ କରିବାକୁ ଈଶ୍ୱରଙ୍କ ଅଭିମତ ଥିଲା, ଯେପରି ତାହାଙ୍କ ହସ୍ତରେ ଈଶ୍ୱରଙ୍କର ଇଷ୍ଟ ସିଦ୍ଧ ହେବ।'

ଆଜିର ଦିନେ ପରସ୍ପରକୁ କ୍ଷମା ଦେବା ମାତ୍ରାଟି ଧିରେ ଧିରେ କମି କମି ଆସୁଛି । କ୍ଷମା ଦେବା ପରିବର୍ତ୍ତେ ପ୍ରତିଶୋଧ ନେବା ଚିନ୍ତାଧାରାର ବେଗ ଅତି ମାତ୍ରାରେ ବୃଦ୍ଧି ପାଉଛି । ଫଳତଃ ହିଂସାର କାର୍ଯ୍ୟ ଓ ପରିଣତି ସମାଜରେ ଭୟଙ୍କର ରୂପ ଧାରଣ କରେ । ପ୍ରଭୁ ଯୀଶୁ ଅହିଂସାର ପ୍ରତୀକ । ଏଣୁ ପ୍ରଭୁ ଯୀଶୁ କୃଶ ଉପରେ ତାଙ୍କର ପ୍ରଥମ ବାଣୀ ତାଙ୍କର ବିରୋଧୀ ବା ଶତ୍ରୁମାନଙ୍କ ନିମନ୍ତେ ଈଶ୍ୱରଙ୍କଠାରେ କ୍ଷମା ପ୍ରାର୍ଥନା କରିଥିଲେ । ନିଜେ ଏହି ଶିକ୍ଷା ଦେଇଥିଲେ – ତୁମ୍ଭେମାନେ ତୁମ୍ଭମାନଙ୍କ ଶତ୍ରୁମାନଙ୍କୁ ପ୍ରେମ କର ଆଉ ସେ ତାଙ୍କର କାର୍ଯ୍ୟ ମାଧ୍ୟମରେ ମଧ୍ୟ ନିଜ ଶତ୍ରୁମାନଙ୍କୁ କ୍ଷମା ଭିକ୍ଷା କରି ନିଜ ବାକ୍ୟ ଓ କାର୍ଯ୍ୟର ପରିପୂରକ ବିଷୟର ଆଦର୍ଶ ଦେଖାଇଲେ । ଯେଉଁ ଶତ୍ରୁମାନେ ତାଙ୍କୁ ତାଙ୍କ ମୁହଁ ଉପରେ ଛେପ ପକାଇଥିଲେ, ଚାପୁଡା ମାରିଥିଲେ, କୋରଡା ପ୍ରହାର କରିଥିଲେ, ବର୍ଚ୍ଛାଘାତ ଇତ୍ୟାଦି ଅସହ୍ୟ ଯନ୍ତ୍ରଣା ଦେଇଥିଲେ, ସେମାନଙ୍କୁ ନିଜେ କ୍ଷମା କରିଦେଲେ ଓ ଈଶ୍ୱରଙ୍କୁ ମଧ୍ୟ କ୍ଷମା କରିଦେବା ନିମନ୍ତେ ପ୍ରାର୍ଥନା କଲେ । ବର୍ତ୍ତମାନ ଭାଇ ଭାଇକୁ, ଭଉଣୀ ଭାଇକୁ, ବାପା ମାଆ ନିଜ ପୁଅ ଝିଅକୁ କ୍ଷମା ଦେବାରେ କୁଣ୍ଠାବୋଧ କରି ବର୍ଷ ବର୍ଷ ନିଜ ପାପକୁ ମୁଣ୍ଡାଇଥାନ୍ତି ମାତ୍ର ଯୀଶୁ ନିଜର ବିରୋଧୀମାନଙ୍କୁ କ୍ଷମାଗୁଣର ପରିପ୍ରକାଶ କରିଥିଲେ ।

ଆଜିର ସମାଜରେ ପରିବାରରେ କେତେକ ପିତା ମାତା ଅବହେଳିତ ପୁଣି ଆଉ କେତେକ ପୁଅ ଝିଅ ଅବହେଳିତ । ପରିବାରରେ ପରସ୍ପର ସ୍ନେହ ପାଇବା ଗୋଟିଏ ସ୍ୱପ୍ନ ପରି ହେବାକୁ ଯାଉଛି । ଯେତେବେଳେ ଜଣେ ପୁଅ ବା ଝିଅ ବଡ ହୁଏ, ସେ ତାହାର ମାଆ ବାପାକୁ ସମ୍ମାନ ଦେବାର ଗୁଣକୁ ଭୁଲିଯାଇ ନିଜେ ବାପା ମାଆଙ୍କଠାରୁ ସମ୍ମାନ ପାଇବାକୁ ଇଛା କରେ । କାରଣ ସେ ବର୍ତ୍ତମାନ ସେହି ଘରର ରୋଜଗାରିଆ । ତାହାରି କଥା ଅନୁସାରେ ଘର ଚାଲିବା ଦରକାର । ପବିତ୍ର ବାଇବଲ କୁହେ, ହେ ପିଲାମାନେ ଆପଣା ପିତାମାତାଙ୍କର ଆଜ୍ଞାବହ ହୁଅ ଓ ସେମାନଙ୍କୁ ସମାଦର କର । ଯେପରି ତୁମ୍ଭର ମଙ୍ଗଳ ହେବ, ଆଉ ତୁମ୍ଭେ ପୃଥିବୀରେ ଦୀର୍ଘାୟୁ ହେବ । କାରଣ ଏହା ଯଥାର୍ଥ ଓ ପ୍ରତିଜ୍ଞାଯୁକ୍ତ ଗୋଟିଏ ପ୍ରଧାନ ଆଜ୍ଞା ପ୍ରଭୁ ଯୀଶୁ ମଧ୍ୟ କୃଶ ଉପରେ ଥାଇ ତାଙ୍କର ତୃତୀୟ ବାଣୀରେ ନିଜ ମାତଙ୍କର ଚିନ୍ତା କରିଥିଲେ ଓ ନିଜ ଶିଷ୍ୟଙ୍କୁ ନିଜ ମାତାର ଯତ୍ନ ନେବାକୁ କହିଲେ । ପ୍ରତ୍ୟେକ ପୁତ୍ରକନ୍ୟା ନିଜ ପିତାମାତାଙ୍କର ଯତ୍ନ ନେବା ସ୍ୱର୍ଗୀୟ କାର୍ଯ୍ୟ ବା ଆଶୀର୍ବାଦର କାର୍ଯ୍ୟ ଅଟେ । ପିତାମାତାଙ୍କର ଆଜ୍ଞାବହ ହୋଇ ଓ ସେମାନଙ୍କୁ ସମାଦର କରି ମଙ୍ଗଳକୁ ସଦାବେଳେ ଆସ୍ୱାଦନ କରୁ । କାରଣ ପିତାମାତା ଦୃଶ୍ୟମୟ ଈଶ୍ୱର ଅଟନ୍ତି । ଯଦି ଦୃଶ୍ୟମୟ ଈଶ୍ୱରଙ୍କୁ ଆମେ ଉପଯୁକ୍ତ ଭାବରେ ସେବା କରୁ ନାହୁଁ କିମ୍ବା ସମାଦର କରୁ ନାହୁଁ ବରଂ ସେମାନଙ୍କୁ ଦୁଃଖ ଦେଉ ତେବେ କିପରି ଅଦୃଶ୍ୟ ଈଶ୍ୱରଙ୍କର ଆମେ ଉପଯୁକ୍ତ ସେବା କରିପାରିବା, ସମାଦର କରିବା ଓ ତାହାଙ୍କର ତୁଷ୍ଟି କରିପାରିବା ?

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୩୦



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ହେ ପରମ ଆରାଧ୍ୟ ଗୁରୁଦେବ, ମୁଁ ଆପଣଙ୍କୁ ମୋ ପବିତ୍ର ବଂଶର ପିତା, ପିତାମହ, ପ୍ରପିତାମହମାନଙ୍କୁ ଯେତିକି ସମ୍ମାନ, ଭକ୍ତି, ଶ୍ରଦ୍ଧା କରେନି, ତାହାଠାରୁ ଅଧିକ ଭାବରେ ଆପଣଙ୍କୁ ଭକ୍ତିକରେ। ସଦାବେଳେ ଆପଣଙ୍କ ପରାମର୍ଶକୁ ସର୍ବଶ୍ରେଷ୍ଠ ନିଷ୍ପତ୍ତି ମନେକରି ଆଜି ପର୍ଯ୍ୟନ୍ତ ମୋ ଚଲାବାଟରେ ଅଗେଇ ଚାଲିଛି । ଜାଣେନା ଏହାର ପରିଣାମ ଭୟାନକ ହେଉ କିମ୍ବା କୁସୁମିତ ହେଉ, ସେଥିପାଇଁ ମୁଁ କେବେ ଆତଙ୍କିତ ହୁଏ ନାହିଁ, କିନ୍ତୁ ଏସବୁ ସତ୍ତ୍ୱେ ଆଜି କାହିଁକି ମୁଁ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ ପରାମର୍ଶକୁ ଏଡ଼େଇ ଦେଲି, ତାହା ମୁଁ ବୁଝିପାରୁନି ଗୁରୁଦେବ। କାହିଁକି ଓ କେଉଁଠି ଏକ ଦୁର୍ବଳତାର ଉପାଦାନ ମୋ ମନ ଓ ମସ୍ତିଷ୍କକୁ ଭ୍ରମିତ କରିଦେଲା, କାହିଁକି ମୋ ନିଷ୍ପତ୍ତିକୁ ଭୁଲ ବାଟରେ ନେବା ପାଇଁ ମୋତେ ବିବଶ କରିଦେଲା ତାହା ଆପଣ ମୋତେ ବୁଝାଇଦିଅନ୍ତୁ। ମୁଁ ବିନମ୍ର ପ୍ରାର୍ଥନା କରୁଛି ଗୁରୁଦେବ, ଲକ୍ଷ୍ମଣଙ୍କୁ ବର୍ଜନ କରିବା ପୂର୍ବରୁ ମୋତେ ଆତ୍ମହତ୍ୟା କରିବା ପାଇଁ ଦଣ୍ଡ ପ୍ରଦାନ କରନ୍ତୁ ନଚେତ୍ ଏ ଅଯୋଧ୍ୟା ରାଜ ପ୍ରାସାଦକୁ ମୁଁ ଅଗ୍ନିରେ ନିକ୍ଷେପ କରିଦେବି। ଯେଉଁ ଲକ୍ଷ୍ମଣ ମୋର ନିଶ୍ୱାସ ଓ ପ୍ରଶ୍ୱାସର ପ୍ରତିଟି କ୍ଷଣରେ ଜୀବନ୍ତ ରହିଛି ଯାହାର ପ୍ରତିଟି ଉପଦେଶ ମୋତେ ଅସରନ୍ତି ଭୟାନକ ମହାକାଳ ଗର୍ଭରୁ ଉଦ୍ଧାର କରି ସମଗ୍ର ସଂସାରରେ ମର୍ଯ୍ୟାଦାବାନ୍ ପୁରୁଷୋତ୍ତମ ଭାବେ ପ୍ରତିଷ୍ଠିତ କରାଇଛି, ତା'ର ମୁଣ୍ଡ କାଟକରି ଆନନ୍ଦରେ ରାଜ୍ୟ ଶାସନ କରିବା ତ ଦୂରର କଥା ଗୋଟିଏ କ୍ଷଣ ମଧ ଏ ଧରିତ୍ରୀ ବକ୍ଷରେ ରହି ପାରିବି ନାହିଁ। କେବେବି ମୁଁ ଆଉ ଏ ଅଯୋଧ୍ୟାବାସୀଙ୍କୁ ଏ ପାପ ପଙ୍କିଳ ମୁଖମଣ୍ଡଳକୁ ଦେଖାଇ ପାରିବି ନାହିଁ। ଜିବୀତ ଅବସ୍ଥାରେ ମୁଁ ଚିତ୍କାର କରି କହୁଛି, ହେ ଅଯୋଧ୍ୟାବାସୀ, ତୁମେମାନେ କାନଖୋଲି ଶୁଣିନିଅ, ତୁମେମାନେ ଯେଉଁ ରଘୁବଂଶ ସମ୍ଭୂତ ନରପତିମାନଙ୍କ ମଧ୍ୟରେ ମୋତେ ଦିପ୍ତିମନ୍ତ, ସୂର୍ଯ୍ୟସମ ଓ ମର୍ଯ୍ୟାଦା ପୁରୁଷୋତ୍ତମ ବୋଲି ଚିତ୍ରିତ କରୁଥିଲ, ତାହା ହେଉଛି ତୁମମାନଙ୍କର ଏକ ଶକ୍ତିଶାଳି ଭ୍ରମ। ତୁମମାନଙ୍କର ସେ ଚେତନା ଗୋଟାଏ ନିରନ୍ଧ୍ର ଅନ୍ଧକାର। ମୁଁ ହେଉଛି ଗୋଟାଏ ପ୍ରବଞ୍ଚକ, ବିଶ୍ୱାସ ଘାତକ। ମୋର ଆଜି ମୃତ୍ୟୁ ହୋଇଗଲା। ମୋତେ ତୁମେମାନେ ଆଉ କେବେବି ଦର୍ଶନ କରିବା ପାଇଁ ଏ ରାଜଭବନକୁ ଆସିବ ନାହିଁ।'' ଗୋଟାଏ କର୍କଶ ପ୍ରସ୍ତର ଉପରେ ବସି ଅଶ୍ରୁପାତ କରୁଛନ୍ତି ଶ୍ରୀରାମ। ବଶିଷ୍ଠ ଏପରି ଭୟାନକ ବିଗଳିତ ବକ୍ତବ୍ୟ ଶ୍ରୀରାମଙ୍କ କଣ୍ଠରୁ ଶୁଣି ନିର୍ବାକ୍ ନିଷ୍ପନ୍ଦ ପଥର ଖୁଣ୍ଟ ଭଳି ଦଣ୍ଡାୟମାନ ହୋଇଗଲେଣି ଶ୍ରୀରାମଙ୍କ ନିକଟରେ। ଅଯୋଧ୍ୟା ରାଜଭବନର ସମ୍ମୁଖସ୍ଥ ଗୋଟାଏ ପ୍ରଶସ୍ତ କ୍ଷେତ୍ର ଭିତରକୁ ପ୍ରବେଶ କରୁଛନ୍ତି ଶହ ଶହ ଅଯୋଧ୍ୟାବାସୀ। ଲକ୍ଷ୍ମଣଙ୍କ ମୃତ୍ୟୁଦଣ୍ଡର ବାର୍ତ୍ତା ଶୁଣି ଶରବିଦ୍ଧ ବିହଙ୍ଗମ ଭଳି ମହେନ୍ଦ୍ର ଗିରୀକୁ ପରିତ୍ୟାଗ କରି ଦେଇ କ୍ଷୀପ୍ରଗତିରେ ରାଜଭବନ ମଧ୍ୟକୁ ପ୍ରବେଶ କରୁଛନ୍ତି ଭଗବାନ ଶଙ୍କରଙ୍କ ସର୍ବଶ୍ରେଷ୍ଠ ତ୍ରୀପୁର ବିଜୟୀବୀର ପର୍ଶୁରାମ। ଶୃଙ୍ଗବେର ପୁରୀରୁ ଆସି ଲୋତକ ପୂର୍ଣ୍ଣ ନୟନରେ ଶ୍ରୀରାମଙ୍କ ପାଦତଳେ ପ୍ରଣାମ କରୁଛନ୍ତି ପରମମିତ୍ର ଗୁହକ, ଶ୍ରୀରାମ ଲକ୍ଷ୍ମଣଙ୍କ ପରମହିତାକାଂକ୍ଷୀ ତଥା ସର୍ବଶ୍ରେଷ୍ଠ ମାର୍ଗଦର୍ଶକ। ଅଯୋଧ୍ୟାରେ ରାମରାଜ୍ୟ ପ୍ରତିଷ୍ଠା କରିବାର ପ୍ରଥମ ପୃଷ୍ଠପୋଷକ ଓ ପରମପୂଜ୍ୟ ଗୁରୁଦେବ ମହର୍ଷି ବିଶ୍ୱାମିତ୍ର ରାଜଭବନ ମଧ୍ୟରେ ଅବିଶ୍ରାନ୍ତ ଅଶ୍ରୁପାତ କରୁଛନ୍ତି। ପ୍ରସିଦ୍ଧ ପ୍ରୟାଗ ଆଶ୍ରମରୁ ଜଟାଜୁଟ ବିମଣ୍ଡିତ, ବଲ୍‌କକ ପରିହିତ ମହର୍ଷି ଭରଦ୍ୱାଜ ଆସି ପହଞ୍ଚିଛନ୍ତି ଅଯୋଧ୍ୟା ରାଜଭବନରେ। ଅତିଶୟ ଦୁର୍ଦ୍ଦଶାର ସମ୍ବାଦ ଶୁଣିବା ମାତ୍ରେ ଅତ୍ୟନ୍ତ ବିଚଳିତ ଅବସ୍ଥାରେ ପହଞ୍ଚିଗଲେଣି ପରମମିତ୍ର ବିଭୀଷଣ। ସାଥିରେ ଆସିଛନ୍ତି ବିଶ୍ୱର ସର୍ବଶ୍ରେଷ୍ଠ ଶ୍ରୀରାମଙ୍କ ଭକ୍ତ ପବନସୁତ ତଥା ଏକାଦଶ ରୁଦ୍ରାବତାର ହନୁମାନ। ସମଗ୍ର ବିଶ୍ୱରେ ଦୁଃସାହସ, ମହାପ୍ରତାପୀ ଯୋଦ୍ଧା ଭାବରେ ସେ ହେଉଛନ୍ତି ଅଗ୍ରଗଣ୍ୟ। ସେ ସିଧାସଳଖ ଯାଇ ତାଙ୍କର ପରମ ଆରାଧ୍ୟ ପ୍ରଭୁ ଶ୍ରୀରାମଙ୍କ ପାଦତଳେ ଯାଇ ଲୁହ ଢାଳୁଛନ୍ତି। ବାନର ରାଜ ସୁଗ୍ରୀବ ଲକ୍ଷ୍ମଣଙ୍କର ଏହି ଦୁଃସମ୍ବାଦ ଶୁଣି ତୀବ୍ର ବେଗରେ ପହଞ୍ଚି ସାରିଲେଣି ଅଯୋଧ୍ୟାରେ। ତାଙ୍କ ସାଥିରେ ଆସିଛନ୍ତି ଅଗଣିତ ବାନରସେନା। ଆସିଛନ୍ତି ମହର୍ଷି ଅତ୍ରି ଏବଂ ତାଙ୍କର ପ୍ରିୟତମା ପତ୍ନୀ ଅନସୂୟା। ଅନସୂୟା ଶ୍ରୀରାମଙ୍କର ଏପରି ଦୁର୍ଦ୍ଦଶାକୁ ଦେଖି ବିଚଳିତ ହୋଇ ପଡୁଛନ୍ତି। ଅନେକ ଦୁଃଖଦ କାହାଣୀ ତାଙ୍କର ମନେ ପଡୁଛି ଏହି ମୁହୂର୍ତ୍ତରେ। ବନବାସ ପର୍ବର ଆଦ୍ୟ ସୋପାନରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଅତ୍ରିମୁନିଙ୍କ ଆଶ୍ରମରେ ପହଞ୍ଚିଥିଲେ। ସେହି ଅତ୍ରି ଓ ଅନସୂୟା ଶ୍ରୀରାମଙ୍କର ବନବାସ ଖବର ଶୁଣି ଅତିବିଚଳିତ ହୋଇ ପଡିଥିଲେ। କେବଳ ଅତ୍ରିମୁନି ନୁହଁନ୍ତି ତାଙ୍କ ପତ୍ନୀ ଅନସୂୟା, ସୀତାଙ୍କର ଏପରି ଦୁର୍ଦ୍ଦଶାକୁ ଅବଲୋକନ କରି ଗୋଟିଏ ଅମଳିନ ବସ୍ତ୍ର ସୀତାଙ୍କୁ ଦେଇ କହିଥିଲେ ' ଜାନକୀ, ମୁଁ ତୁମକୁ ଏହି ବସ୍ତ୍ର ଦେଉଛି, ଯେଉଁ ବସ୍ତ୍ର କି କୌଣସି ଦିନ ମଳିନ ପଡିବ ନାହିଁ। ଯଦି ମଳିନ କେବେ ଦେଖାଯିବ ତୁମେ ତାକୁ ଜ୍ୱଳନ୍ତ ଅଗ୍ନିରେ ନିକ୍ଷେପ କରିଦେଲେ ତାହା ପୁନର୍ବାର ଜାଜ୍ୱଲ୍ୟମାନ ଦେଖାଯିବ।' ଏହି କଥାକୁ ମନେ ପକାଇ ଅଶ୍ରୁପାତ କରୁଛନ୍ତି ଅନସୂୟା। ଚତୁର୍ଦ୍ଦିଗରେ ଗୋଟାଏ ଭୟାନକ ନୀରବତା। କାହିଁ କେତେ ଦୂରରୁ ଛୁଟି ଆସିଛନ୍ତି ଅଜସ୍ର ମଣିଷ ଲକ୍ଷ୍ମଣଙ୍କୁ ଟିକେ ଅନ୍ତିମ ଦର୍ଶନ କରିବା ପାଇଁ। (କ୍ରମଶଃ)

# ହେ ପିତା, ଏମାନଙ୍କୁ କ୍ଷମା କର...

## 'ପ୍ରଭୁ ଯୀଶୁଖ୍ରୀଷ୍ଟ-ସମସ୍ତଙ୍କ ପାପକ୍ଷମା ନିମନ୍ତେ-କେବଳ ଥରେ ମାତ୍ର ବଳିଦାନ ଦେଲେ'-ବାଇବେଲ

Rev. Harish Chandra Arisalya
O. M. INDIA
2. Christian Society,
Opp. CNI Church,
Baherampura
Ahmedabad-380 022
Gujarat

ପ୍ରଭୁ ଯୀଶୁଖ୍ରୀଷ୍ଟ ମାନବଜାତି ପାଇଁ ଉତ୍ସର୍ଗ କରିଥିବା ଅଦ୍ୱିତୀୟ ବଳିଦାନକୁ ସ୍ମରଣ କରିବା ପାଇଁ ଶୁଭ ଶୁକ୍ରବାର ପାଳନ କରାଯାଏ। ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଯେପରି ଭାବରେ ହତ୍ୟା କରାଯାଇଥିଲା ତାହା ମନୁଷ୍ୟ ଇତିହାସରେ ବିରଳ। ଦୁଇହଜାରରୁ ଅଧିକ ବର୍ଷ ତଳେ, ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଅର୍ଦ୍ଧଉଲଗ୍ନ ଅବସ୍ଥାରେ ଗୋଟିଏ କାଠ କୃଶରେ କାଲବରୀ ନାମକ ଏକ ରୁକ୍ଷ ପାହାଡ଼ ଉପରେ ଦୁଇଜଣ ଦୁର୍ଦ୍ଦାନ୍ତ ଦସ୍ୟୁଙ୍କ ଗହଣରେ ବର୍ବରୋଚିତ ଭାବରେ ହତ୍ୟା କରାଯାଇଥିଲା । ଏହି ପ୍ରକାର ଅମାନୁଷିକ ଭାବେ କୌଣସି ମନୁଷ୍ୟକୁ ଆଗରୁ କେବେ ହତ୍ୟା କରାଯାଇ ନ ଥିଲା । ସେହି ସମୟରେ କେବଳ ଦୁର୍ଦ୍ଦାନ୍ତ ଦସ୍ୟୁ ଓ ଅପରାଧୀମାନଙ୍କୁ ଏପରି ଦଣ୍ଡ ଦିଅଯାଉଥିଲା । ପ୍ରଭୁ ଯୀଶୁ ମୃତ୍ୟୁ ପୂର୍ବରୁ ଅନେକ ଦୁଃସାଧ ଓ ଅସମ୍ଭବ ରୋଗୀଙ୍କୁ ସୁସ୍ଥ କରିଥିଲେ । ମୃତକୁ ଜୀବନ ଦେଇଥିଲେ । ହଜାର ହଜାର କ୍ଷୁଧାତୁର ଲୋକଙ୍କୁ ସୀମିତ ଖାଦ୍ୟରେ ପରିତୃପ୍ତ କରିଥିଲେ । ଜନ୍ମାନ୍ଧକୁ ଦୃଷ୍ଟି ପ୍ରଦାନ ଏବଂ ଏପରିକି ସମୁଦ୍ର ଜଳ ଉପରେ ଚାଲି ଚାଲି ମଣିଷକୁ ରକ୍ଷା କରିଥିଲେ । ପୁଣି ପୂର୍ବ ଈଶ୍ୱରୀୟ ଅଧିକାରରେ ପାପୀମାନଙ୍କର ପାପ କ୍ଷମା କରିଥିଲେ ଏବଂ ପୂର୍ବ ଅଧିକାରରେ ପ୍ରକୃତି ଉପରେ ଈଶ୍ୱରୀୟ ଶକ୍ତି ଦେଖାଇ ଝଡ଼, ବତାସ ଓ ସମୁଦ୍ରକୁ ଶାନ୍ତ କରିଥିଲେ। ଏପରିକି ଜୀବନର ଶେଷ ମୁହୂର୍ତ୍ତରେ, ନିଜ ହତ୍ୟାକାରୀମାନଙ୍କୁ କ୍ଷମା କରିବାକୁ ପ୍ରାର୍ଥନା କରିଥିଲେ । ତେବେ ପ୍ରଶ୍ନ ଉଠେ, ଏ ପ୍ରକାର ବ୍ୟକ୍ତିଙ୍କୁ କାହିଁକି ହତ୍ୟା କରାଯାଇଥିଲା ?

**ଶୁଭ ଶୁକ୍ରବାର 'ଶୁଭ' କାହିଁକି ?**

ଯେଉଁଦିନ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କରାଗଲା, ସେହିଦିନକୁ ଶୁଭ ଶୁକ୍ରବାର କୁହାଯାଏ ଏବଂ ପୃଥିବୀ ସାରା ଏହାକୁ ପାଳନ କରାଯାଏ । ପ୍ରଭୁ ଯୀଶୁଖ୍ରୀଷ୍ଟ ଯଦି ଈଶ୍ୱର ଓ ତ୍ରାଣକର୍ତ୍ତା ଅଟନ୍ତି, ତା'ହେଲେ ସେହିଦିନଟିକୁ 'ଅନ୍ଧକାର' ବା 'କଳା' ଶୁକ୍ରବାର ଅବା 'କଳା ଦିବସ' କହିବା ଯଥାର୍ଥ ହୋଇଥାନ୍ତା । କିନ୍ତୁ ଏହା 'ବ୍ଲାକ୍' ଫ୍ରାଇଡେ ନୁହଁ, କାହିଁକି ? ବାଇବେଲ୍ କୁହେ, 'ଈଶ୍ୱର ଜଗତକୁ ଓ ମନୁଷ୍ୟ ଜାତିକୁ ଏତେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ଜଗତକୁ ଦାନ କଲେ'', କାରଣ ସେହି କ୍ରୁଶବିଦ୍ଧ ହୋଇଥିବା ଖ୍ରୀଷ୍ଟ ଈଶ୍ୱରଙ୍କ ପ୍ରଥମ ଓ ଶେଷ ମଣିଷ ଅବତାର ଥିଲେ। ଏଠାରେ ପାଠକ ପ୍ରଶ୍ନ କରିପାରନ୍ତି– ଈଶ୍ୱର କାହିଁକି ମଣିଷ ଅବତାର ନେଲେ ? ଈଶ୍ୱର ମନୁଷ୍ୟକୁ ନିଜ ପ୍ରତିମୂର୍ତ୍ତିରେ ନିର୍ମାଣ କଲେ, ଅନ୍ୟ ଜୀବଜନ୍ତୁଙ୍କ ପରି ସୃଷ୍ଟି କରିନାହାନ୍ତି । ସେଥିପାଇଁ ଯେକୌଣସି ମଣିଷ ହେଉ ଜାତି, ଧର୍ମ, ବର୍ଣ୍ଣ, ଭାଷା, ଭୌଗୋଳିକ ସୀମାରେଖା ଏବଂ ଅର୍ଥନୈତିକ ଅବସ୍ଥା ନିର୍ବିଶେଷରେ ମନୁଷ୍ୟ ମାତ୍ରକେ ଈଶ୍ୱରଙ୍କ ପାଇଁ ସ୍ୱତନ୍ତ୍ର, ବହୁମୂଲ୍ୟ ଏବଂ ଏକ ନିଶ୍ଚିତ ଉଦ୍ଦେଶ୍ୟଯୁକ୍ତ। କିନ୍ତୁ ପାପ ମନୁଷ୍ୟ ଜାତିକୁ ଈଶ୍ୱରଙ୍କଠାରୁ ପୃଥକ୍ କରିଦେଇଛି ।

**ପାପ କ'ଣ ?**

ଈଶ୍ୱରଙ୍କ ଆଜ୍ଞା ଲଙ୍ଘନ ହିଁ ପାପ ଓ ପାପର ଉତ୍ପତ୍ତି । ମନୁଷ୍ୟ ପାପ କରେ ବୋଲି ପାପୀ ନୁହେଁ, କିନ୍ତୁ ମନୁଷ୍ୟ ପାପୀ ହୋଇଥିବାରୁ ପାପ କରେ । ବାଇବେଲ କୁହେ, 'ପାପର ବେତନ ମୃତ୍ୟୁ', 'ସମସ୍ତ ମନୁଷ୍ୟ ଜାତି ପାପ କରି ଈଶ୍ୱରଙ୍କ ମହିମାରୁ ଜଣା ପଡିଅଛନ୍ତି ।'' ଅତଏବ, ପରମେଶ୍ୱର ଧାର୍ମିକ, ପବିତ୍ର ଓ ନ୍ୟାୟବାନ ହୋଇଥିବାରୁ ପାପକୁ ଘୃଣା କରନ୍ତି ଏବଂ ପାପ ନିମନ୍ତେ ବିଚାର କରି ଦଣ୍ଡ ଦିଅନ୍ତି କିନ୍ତୁ ପାପୀକୁ ପ୍ରେମ କରନ୍ତି। ସେଥିପାଇଁ ସେ ମନୁଷ୍ୟ ଜାତିର ପାପ କ୍ଷମା ନିମନ୍ତେ ବଳିଦାନ କଲେ ଯାହା କସ୍ମିନ୍ କାଳେ ମନୁଷ୍ୟ କରିପାରି ନ ଥାନ୍ତା। ସେଥିପାଇଁ ଶୁଭ ଶୁକ୍ରବାର 'ଶୁଭ' ଅଟେ ।

**ପ୍ରଭୁ ଯୀଶୁ କାହିଁକି ମୃତ୍ୟୁଭୋଗ କଲେ ?**

ଯୀଶୁଖ୍ରୀଷ୍ଟ ଯଦି ପ୍ରଭୁ ତା'ହେଲେ ତାଙ୍କ ଆଦେଶରେ ପାପ କ୍ଷମା ହୋଇପାରିଥାନ୍ତା, ସେ କାହିଁକି ମୃତ୍ୟୁଭୋଗ କଲେ ବାଇବେଲ କୁହେ, 'ରକ୍ତପାତ ବିନା ପାପ କ୍ଷମା ହୁଏ ନାହିଁ। ପଶୁପକ୍ଷୀ ବଳିଦାନରେ ପାପ କ୍ଷମା ଅସମ୍ଭବ।'' ପୁଣି ରକ୍ତ ବଳିଦାନରେ ନୂତନ ନିୟମ ସୃଷ୍ଟି ହେଲା । ସେଥିପାଇଁ ପ୍ରଭୁ ଯୀଶୁଖ୍ରୀଷ୍ଟ ମନୁଷ୍ୟ ଅବତାର ନେଇ ମୃତ୍ୟୁଭୋଗରେ ବଳିକୃତ ହେଲେ। ପ୍ରଭୁ ଯୀଶୁଖ୍ରୀଷ୍ଟ ବଳିକୃତ ହେଲେ କାରଣ ପାପ କ୍ଷମା ନିମନ୍ତେ ବଳିଦାନର ଜରୁରୀ ଆବଶ୍ୟକତା ଥିଲା।

'ଅତଏବ, ସନ୍ତାନମାନେ ରକ୍ତମାଂସର ସହଭାଗୀ ହୋଇଥିବାରୁ ସେ ମଧ ନିଜେ ସେହିପରି ସେଥିରେ ଭାଗୀ ହେଲେ, ଯେପରି ମୃତ୍ୟୁ ଦ୍ୱାରା ମୃତ୍ୟୁର ଅଧିକାରୀକୁ, ଅର୍ଥାତ୍ ଶୟତାନକୁ ବିନାଶ କରନ୍ତି ।'' ଏହି ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଓ କାରଣ ଯୋଗୁଁ ପ୍ରଭୁ ଯୀଶୁଖ୍ରୀଷ୍ଟ ମୃତ୍ୟୁଭୋଗ କଲେ ।

'ଆଉ ପ୍ରଭୁ ଯୀଶୁ ଆମ୍ଭମାନଙ୍କ ପାପ ନିମନ୍ତେ, କେବଳ ଆମ୍ଭମାନଙ୍କ ପାପ ନିମନ୍ତେ ନୁହେଁ, ମାତ୍ର ସମସ୍ତ ଜଗତର ପାପ ନିମନ୍ତେ ମଧ ପ୍ରାୟଶ୍ଚିତ ରୂପେ ଅଟନ୍ତି।'' ଯେହେତୁ ଯୀଶୁ ପାପ କ୍ଷମା



ନିମନ୍ତେ ବଳିକୃତ ହେବା ପାଇଁ ଜନ୍ମଗ୍ରହଣ କରିଥିଲେ ଓ ସେଥିପାଇଁ ସେ ମୃତ୍ୟୁଦଣ୍ଡ ଗ୍ରହଣ କରିଥିଲେ । ବାଇବେଲ କୁହେ, ପ୍ରଭୁ ଯୀଶୁ କହିଲେ, 'ତୁମ୍ଭେ କ'ଣ ମନେ କରୁଅଛ ଯେ, ମୁଁ ମୋହର ପିତାଙ୍କୁ ବିନତୀ କରିପାରେ ନାହିଁ ଓ ସେ ଏହିକ୍ଷଣି ମୋ ନିମନ୍ତେ ଦ୍ୱାଦଶ ବାହିନୀ ଅପେକ୍ଷା ଅଧିକ ଦୂତଙ୍କୁ ପଠାଇଦେବେ ନାହିଁ । ତେବେ ଏହି ପ୍ରକାରେ ଅବଶ୍ୟ ଘଟିବ ବୋଲି ଧର୍ମଶାସ୍ତ୍ରର ବାକ୍ୟ କିପ୍ରକାର ସଫଳ ହେବ ?""

**ଖୋଲା ବିଚାର**

ପ୍ରଭୁ ଯୀଶୁଙ୍କ ମୃତ୍ୟୁ ପୂର୍ବରୁ ତାହାଙ୍କୁ ନ୍ୟାୟାଳୟରେ ବିଚାର କରାଯାଇଥିଲା । ବିଚାରକର୍ତ୍ତାମାନେ କୌଣସି ଦୋଷ ତାହାଙ୍କଠାରେ ପାଇ ନଥଲେ । ମିଥ୍ୟା ଅଭିଯୋଗ ସବୁକୁ ପ୍ରଭୁ ଯୀଶୁ ପ୍ରମାଣ ଦେଇ ଖଣ୍ଡନ କରିଥିଲେ । ପ୍ରଭୁ ଯୀଶୁଙ୍କ ବିରୁଦ୍ଧରେ କୌଣସି ଧର୍ମ ସମ୍ପର୍କୀୟ ଅଭିଯୋଗ ନ ଥିଲା ।

ବାଇବେଲ କୁହେ, '' ଆଉ, ଯୀଶୁ ତାହାଙ୍କ ବିରୁଦ୍ଧରେ ଆସିଥିବା ପ୍ରଧାନ ଯାଜକ, ମନ୍ଦିରର ସେନାପତି ଓ ପ୍ରାଚୀନମାନଙ୍କୁ କହିଲେ, ଡକାୟତ ବିରୁଦ୍ଧରେ ବାହାରିବା ପରି ଖଣ୍ଡା ଓ ଠେଙ୍ଗା ଘେନି ତୁମ୍ଭେମାନେ କଅଣ ବାହାରି ଆସିଲ ? ମୁଁ ପ୍ରତିଦିନ ତୁମ୍ଭମାନଙ୍କ ସହିତ ମନ୍ଦିରରେ ଥିବା ସମୟରେ ତୁମ୍ଭେମାନେ ମୋ ବିରୁଦ୍ଧରେ ହାତ ବଢ଼ାଇଲ ନାହିଁ, କିନ୍ତୁ ଏହା ତୁମ୍ଭମାନଙ୍କର ସମୟ ଓ ଅନ୍ଧକାରର କର୍ତ୍ତାପଣ ।"

ବାଇବେଲ କୁହେ, 'ଯେଣୁ ଶରୀର ସକାଶେ ଦୁର୍ବଳ ହେବାରୁ ବ୍ୟବସ୍ଥା ଯାହା ସାଧନ କରିପାରିଲା ନାହିଁ, ତାହା ଈଶ୍ୱର ଆପଣା ପୁତ୍ରଙ୍କୁ ପାପମୟ ଶରୀରର ସାଦୃଶ୍ୟରେ ପାପ ବିନାଶ ନିମନ୍ତେ ପ୍ରେରଣ କରି ଶରୀରରେ ପାପକୁ ଦଣ୍ଡାଜ୍ଞା ଦେବା ଦ୍ୱାରା କଲେ ।'' ଅର୍ଥାତ୍ ପ୍ରଭୁ ଯୀଶୁ ପାପ କ୍ଷମା ନିମନ୍ତେ ଅଦ୍ୱିତୀୟ ବଳିରୂପେ ଉତ୍ସର୍ଗୀକୃତ ହେବା ଜରୁରୀ ଥିଲା ।

**ଶୁଭ ଶୁକ୍ରବାର କାହା ପାଇଁ ?**

ସମସ୍ତେ କ୍ଷମା କରିପାରନ୍ତି ନାହିଁ, ବିଶେଷକରି ଦୋଷ ନ ଥାଇ ଦଣ୍ଡ ପାଇବା ଏବଂ କ୍ଷମା ଦେବା କେବଳ ଈଶ୍ୱରୀୟ ପ୍ରକୃତି ଥିଲେ ବା ଈଶ୍ୱର ହିଁ ନିଜେ କରିପାରନ୍ତି। ଏହା ଶୁଭ ଶୁକ୍ରବାରରେ ବିଶେଷ ଅନୁଚିନ୍ତା । ଏହା ଈଶ୍ୱରଙ୍କ ବ୍ୟତୀତ ଆଉ କେହି ସାଧନ କରିପାରିବେ ନାହିଁ । ମନୁଷ୍ୟ ଜାତିର ପାପକ୍ଷମା ନିମନ୍ତେ ଥରେ ମାତ୍ର ତାଙ୍କର ରକ୍ତପାତ ହେଲା । ଈଶ୍ୱର ତାଙ୍କର ବଳିଦାନକୁ ଗ୍ରହଣ କଲେ- ସେହି ପ୍ରଥମ ଓ ଶେଷ ବଳିଦାନ ପରେ ଈଶ୍ୱରଙ୍କ ସହ ବର୍ତ୍ତମାନ ଓ ସବୁଦିନ ପାଇଁ ପାପୀ ମନୁଷ୍ୟ ଜାତିର ମୀମାଂସା ହୋଇପାରିଛି । କ୍ଷମା, ମୁକ୍ତି ଓ ମୋକ୍ଷ ପାଇବା ପାଇଁ ଏହି ଶେଷ ବଳିଦାନ ପରେ ଆଉ କୌଣସି ଧର୍ମ, କର୍ମ, ତୀର୍ଥଯାତ୍ରା, ଗୁରୁଦାନ ଦକ୍ଷିଣା ଅବା ଅନ୍ୟ କୌଣସି ଏବଂ କସ୍ମିନ୍ କାଳେ ବଳିଦାନର ଆବଶ୍ୟକତା ନାହିଁ । ଅତଏବ ଶୁଭ ଶୁକ୍ରବାର କେବଳ ମନୁଷ୍ୟ ଜାତି ନିମନ୍ତେ, ସମସ୍ତଙ୍କ ନିମନ୍ତେ – ଏହା ସୀମାହୀନ, ଏହା ପରିହୀନ, କେବଳ ମନୁଷ୍ୟ ଜାତି ପାଇଁ । ଶୁଭ ଶୁକ୍ରବାରର ବାର୍ତ୍ତା ମଣିଷ ସମାଜ ପାଇଁ ବାର୍ତ୍ତା । ଶୁଭ ଶୁକ୍ରବାର ସମସ୍ତଙ୍କ ପାଇଁ ଏବଂ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ପାଇଁ ନୁହେଁ। –

**ଶୁଭ ଶୁକ୍ରବାର ଓ ଧର୍ମ**

ଶୁଭ ଶୁକ୍ରବାରର ବାର୍ତ୍ତା ଧର୍ମର ବାର୍ତ୍ତା ନୁହଁ । ଗଭୀର ଭାବେ ଲକ୍ଷ୍ୟ କରି ଦୃଷ୍ଟିପାତ କଲେ, ଦେଖାଯାଏ ଯେ, ଶୁଭ ଶୁକ୍ରବାର ସହ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ବା ବିଧିବଦ୍ଧ ଚୁକ୍ତି ଧର୍ମ ସମ୍ପର୍କୀୟ ନୁହେଁ । କାରଣ ପ୍ରଭୁ ଯୀଶୁଙ୍କଠାରେ ଯେକୌଣସି ବ୍ୟକ୍ତି ପାପକ୍ଷମା, ପରିତ୍ରାଣ ଓ ମୋକ୍ଷ ପାଇପାରିବ । ସେଥିପାଇଁ ଏହିଦିନଟି ଶୁଭ ଶୁକ୍ରବାର । ଶୁଭ ଶୁକ୍ରବାର କୌଣସି ଧର୍ମ, ଦର୍ଶନଶାସ୍ତ୍ର, ପରମ୍ପରା ଅବା କ୍ରିୟାପଦ୍ଧତି ସହ ସମ୍ପର୍କ ନାହିଁ । ଶୁଭ ଶୁକ୍ରବାରର ବାର୍ତ୍ତା କୌଣସି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଧର୍ମ, ସମ୍ପ୍ରଦାୟ ପାଇଁ ନୁହଁ। ଏହା ସମଗ୍ର ମନୁଷ୍ୟ ଜାତି ନିମନ୍ତେ ଉଦ୍ଦିଷ୍ଟ । ଶୁଭ ଶୁକ୍ରବାରକୁ ଏହାର ବାର୍ତ୍ତାକୁ କେହି ହେଲେ, କେବେହେଲେ, ଏକ ଚାଟିଆ କାରବାର କରିପାରିବେ ନାହିଁ ।

**"ଏହା ସମାପ୍ତ ହେଲା'' – କ'ଣ ସମାପ୍ତ ହେଲା ?**

ପ୍ରଭୁ ଯୀଶୁ ପ୍ରଥମ ଓ ଶେଷଥର ପାଇଁ ବଳିକୃତ ହୋଇ କହିଲେ ଏହା ସମାପ୍ତ ହେଲା । କ'ଣ ସମାପ୍ତ ହେଲା-

୧. ପାପ କ୍ଷମା ନିମନ୍ତେ ବଳିଦାନ ସମାପ୍ତ ହେଲା । –
୨. ଈଶ୍ୱରଙ୍କ କ୍ରୋଧ ଓ ବିଚାର ସମାପ୍ତ ହେଲା ।
୩. ପାପ ହେତୁ ଦଣ୍ଡ ସମାପ୍ତ ହେଲା ।
୪. ପାପର ଦାସତ୍ୱ ବନ୍ଧନ ସମାପ୍ତ ହେଲା ।
୫. ସମସ୍ତ ବ୍ୟବସ୍ଥା ସମାପ୍ତ ହେଲା, ଖ୍ରୀଷ୍ଟ ନୂତନ ନିୟମର ମଧ୍ୟସ୍ଥ ହେଲେ।

ପ୍ରଭୁ ଯୀଶୁଙ୍କଠାରେ ଯେକୌଣସି ବ୍ୟକ୍ତି ପାପକ୍ଷମା, ପରିତ୍ରାଣ ଓ ମୋକ୍ଷ ପାଇପାରିବେ। ସେଥିପାଇଁ ଏହି ଦିନଟି ଶୁଭ ଶୁକ୍ରବାର । ଶୁଭ ଶୁକ୍ରବାର କୌଣସି ଧର୍ମ, ଦର୍ଶନ ଶାସ୍ତ୍ର, ପରମ୍ପରା ଅବା କ୍ରିୟାପଦ୍ଧତି ସହ ସମ୍ପର୍କ ନାହିଁ । ଶୁଭ ଶୁକ୍ରବାରର ବାର୍ତ୍ତା, କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ, ଧର୍ମ, ସମ୍ପ୍ରଦାୟ ପାଇଁ ନୁହଁ ।

**ଶୁଭ ଶୁକ୍ରବାରରେ ବିଶେଷ ଅନୁଚିନ୍ତା**

ପ୍ରଭୁ ଯୀଶୁଖ୍ରୀଷ୍ଟ ତାଙ୍କର ୩୩ ୧/୨ ବର୍ଷ ଜୀବନ ମଧ୍ୟରେ ଅନେକ ଶିକ୍ଷା ଓ ଆଶ୍ଚର୍ଯ୍ୟ କ୍ରିୟାକର୍ମ କରିଥିଲେ କିନ୍ତୁ ସେ କେବେହେଲେ ଏବଂ କୌଣସି ପରିସ୍ଥିତିରେ ମଧ :

୧. 'ଧର୍ମ' ଶବ୍ଦ ଉଚ୍ଚାରଣ କରିନାହାନ୍ତି।
୨. ସେ କୌଣସି ନୂତନ ଧର୍ମ ସ୍ଥାପନ କରିନାହାନ୍ତି କିମ୍ବା ପୁରାତନ କୌଣସି ଧର୍ମକୁ ସଂଜୀବିତ କରିନାହାନ୍ତି ।
୩. ତାଙ୍କର ଶିକ୍ଷାରେ ସେ ବାରମ୍ବାର ଈଶ୍ୱର ସହ ମନୁଷ୍ୟର ସମ୍ପର୍କକୁ ଉଲ୍ଲେଖ କରିଛନ୍ତି ।
୪. ମନୁଷ୍ୟର ପାପ କ୍ଷମା, ନୂତନ ଜୀବନ, ନୂତନ ପ୍ରକୃତି, ନୂତନ ଚରିତ୍ର, ମୁକ୍ତି, ମୋକ୍ଷ ଓ ପରିତ୍ରାଣକୁ ବିଶେଷ ଭାବରେ ଉଲ୍ଲେଖ କରି ସେଥିନିମନ୍ତେ ବଳିକୃତ ହୋଇଥିଲେ ।
୫. ପ୍ରଭୁ ଯୀଶୁଖ୍ରୀଷ୍ଟ ଜନ୍ମଠାରୁ କ୍ରୁଶାପିତ ହେବାଯାଏ ସମ୍ପୂର୍ଣ୍ଣ ମଣିଷ ଓ ଈଶ୍ୱର ଥିଲେ । କ୍ରୁଶୀୟ ମୃତ୍ୟୁରେ ତାଙ୍କର ଶାରୀରିକ ବ୍ୟକ୍ତିତ୍ୱ ଓ ଜୀବନର ମୃତ୍ୟୁ ହୋଇଥିଲା । କିନ୍ତୁ ଈଶ୍ୱରୀୟ ସ୍ୱଭାବ ଏବଂ ବ୍ୟକ୍ତିତ୍ୱର ମୃତ୍ୟୁ ହୋଇନଥିଲା କାରଣ ଈଶ୍ୱରଙ୍କ ଜନ୍ମ ଓ ମୃତ୍ୟୁ ନାହିଁ । ଶାରୀରିକ ବ୍ୟକ୍ତିର ମୃତ୍ୟୁ ହୋଇଥିଲା, କିନ୍ତୁ ଈଶ୍ୱରଙ୍କ ବ୍ୟକ୍ତିତ୍ୱର ମୃତ୍ୟୁ ହୋଇ ନ ଥିଲା ।
୬. କ୍ରୁଶ ଉପରୁ ପ୍ରଭୁ ଯୀଶୁ କହିଲେ, ପିତା, ଏମାନଙ୍କୁ କ୍ଷମା କର । ଶୁଭ ଶୁକ୍ରବାରରେ ଗୋଟିଏ ଶିଖିବା ଓ ପାଳନ କରିବା ଗୁଣ ହେଉଛି 'କ୍ଷମା' ।' କ୍ଷମା କରିବା ଏକ ଈଶ୍ୱରୀୟ ମହତ୍ ଗୁଣ । ଚେଷ୍ଟା କଲେ ଏହା ସମସ୍ତଙ୍କ ଦ୍ୱାରା ସମ୍ଭବ ଓ କାର୍ଯ୍ୟକାରୀ ହୁଏ। କ୍ଷମା ଦ୍ୱାରା ମଣିଷ ଓ ସମାଜ ପରିବର୍ତ୍ତନ ହୁଏ । ଶାନ୍ତି, ସଦ୍‌ଭାବନା, ଏକତା ଓ ପରସ୍ପରକୁ ଗ୍ରହଣ କରିବା 'କ୍ଷମା'' ଦ୍ୱାରା ହିଁ ସମ୍ଭବ ହୁଏ । ଯେଉଁଠାରେ 'ବଳିଦାନ' ସେହିଠାରେ 'କ୍ଷମା' ଏବଂ ଯେଉଁଠାରେ 'କ୍ଷମା' ସେହିଠାରେ 'ବଳିଦାନ' ନିଶ୍ଚିତଭାବେ ଉତ୍ସର୍ଗ କରାଯାଇଥାଏ ।

ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ସେହି ବଳିଦାନ ସମସ୍ତଙ୍କ ପାଇଁ ପ୍ରଥମ, ଶେଷ ଓ ଅଦ୍ୱିତୀୟ ବଳିଦାନ ହୋଇଥିବାରୁ ବର୍ତ୍ତମାନ ଓ ଭବିଷ୍ୟତର ମାନବ ସମାଜକୁ ଶୁଭ ଶୁକ୍ରବାର, ପ୍ରେମର ବାର୍ତ୍ତା, କ୍ଷମାର ଆତ୍ମା, ଗ୍ରହଣ ଯୋଗ୍ୟର ସ୍ୱଚ୍ଛତା, ଭ୍ରାତୃତ୍ୱ ଓ ସମାନତାର ଭାବ ଦିଏ । ଏହି ଶୁଭ ଶୁକ୍ରବାରରେ ଈଶ୍ୱର ସମସ୍ତଙ୍କୁ ଅନେକ ଦୟା ଓ ଆଶୀର୍ବାଦ କରନ୍ତୁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ରଙ୍ଗ

**ଡ. ଦୀପକ କୁମାର ମିଶ୍ର**

ଯେଉଁ ରଙ୍ଗକୁ ବୁଝି ହୁଏନା
ତାହା ପ୍ରେମ
ଯେଉଁ ରଙ୍ଗ ବାରମ୍ବାର ବଦଳେ
ତାହା ସ୍ୱାର୍ଥପର ସମ୍ପର୍କ ।

ତୁମ ଭରସା ରଙ୍ଗରେ
ରଙ୍ଗେଇହେଇଛି ଯେବେଠୁଁ
ମୁଁ ଚିନ୍ତାମୁକ୍ତ
କାରଣ ସୁନାରଙ୍ଗ ଛାଡ଼ିଯାଏନା ଶୀଘ୍ର
ସବୁବେଳେ ଦିଶୁଥାଏ
ଦାଉଦାଉ ଅମଳିନ ।

ଆଖିର ରଙ୍ଗ ଛଳନା
ପ୍ରଖର ଅଭିନୟର ଗୋଟିଚାଳନାରେ
ଠକିପାରେ ସମଗ୍ର ଦୁନିଆ ।

ଏଣୁଅ ଅପେକ୍ଷା
ବେଶି ରଙ୍ଗ ବଦଳାଏ ମଣିଷ
ମନ ଓ ହୃଦୟର ବର୍ଣ୍ଣରଙ୍ଗ
ଓଠ ଠାରୁ ଭିନ୍ନ
ଏସବୁ ରଙ୍ଗର ସମାହାର
ଠିକିଥିବା ଲୋକକୁ ପଚାର ।




ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦


## ସମ୍ଭାବନା

**ବସନ୍ତ ମଞ୍ଜରୀ ମିଶ୍ର**

ଅଜସ୍ର ଶୁଭେଚ୍ଛା ଓ ଶୁଭକାମନା
ଏଠି ଦୋଳର ଶୁଭ ଅବସରରେ
କେଉଁଠି ହୋଲିକକ୍ଷ ଜଳୁଛି କ୍ରୋଧର ବହ୍ନିରେ
କେଉଁଠି ଅକୁହା ବେଦନା ଜଳୁଛି
ନିରାଶାର ବହ୍ନିରେ
ତଥାପି ମରିନି ଆଶା...
ଅସୁମାରୀ କଳ୍ପନାକୁ ନେଇ
ନୂତନତ୍ୱକୁ ନେଇ
ନିଇତି ଜାଳୁଛି ଦୀପ
ଅନେକ ସମ୍ଭାବନା ଆଉ ଆକାଂକ୍ଷାକୁ ନେଇ
ପ୍ରଶ୍ନ ଉଠୁଛି ମନରେ
ଗର୍ବ, ଅହଂକାରର ହୋଲିକା
କେବେ ଜଳିବ ସତ୍ୟ ଧର୍ମର ବହ୍ନିରେ
ରକ୍ତପାତ ବଦଳିବ ପ୍ରେମରେ
ମାନବିକତାର ରଙ୍ଗରେ ରଙ୍ଗେଇ ହୋଇ
ଭାଇଚାରାର ସମ୍ପର୍କକୁ ନେଇ
ବାନ୍ଧିଦେବ ଏକତାର ରଜ୍ଜୁରେ...



ହିଂସା ଦ୍ୱେଷ ଆଉ ଅମାନବିକତା
ପୋଡ଼ି ପାଉଁଶ ହୋଇଯିବ ପ୍ରେମର ରଜ୍ଜୁରେ
ଯୁଦ୍ଧର ବିଭୀଷିକା ବଦଳି ଯିବ
ଶହ ଶହ ହୃଦୟକୁ ରଙ୍ଗେଇ ଦେଇ
ନିଃସ୍ୱାର୍ଥପରତା ଆଉ ସମ୍ଭାବନାର ସକାଳ ଆସିବ
ଆଣି ବିଶ୍ୱାସ ଓ ଭଲ ପାଇବାର ପରଶ
ପ୍ରତିଶୋଧକୁ ରୂପାନ୍ତରିତ କରି
ନୂଆ ଆଶା ଭରା ନୂଆ ସକାଳରେ
ମନରେ ଭରି ନୂଆ ସମ୍ଭାବନା ।


ଅଧ୍ୟାପିକା, ତାଳଚେର ଥର୍ମାଲ
ମୋ- : ୯୮୬୧୧୯୨୪୪୫


## ପ୍ରେମ ଓ ଫଗୁଣ

**ରାହାସ କୁମାର ବେହେରା**

ଫଗୁଣରେ ପ୍ରେମ ରଙ୍ଗ
ଭାରି ମିଠା ଅଠା ଅଠା
ଲାଗିଲେ ଛାଡେନି ,
ପହିଲି ପରଶେ ସ୍ମୃତି
ଯାଏ ଲାଖି ଧୀରେ ଧୀରେ
ବିରହ ମାଡ଼େନି ।।

ସେଇ ପ୍ରେମର ଅବିର
ଲାଲି, ନୀଳ ସିଧା ସିଧା
ଦେହକୁ ଭିଜାଏ,
ଆଇନାରେ ରୂପ ଦୀପ୍ତି
ଦେଖିଦେଲେ ନୂଆ ନୂଆ
ଅଙ୍ଗକୁ ସଜାଏ ।

ପ୍ରେମର ଫଗୁଣ ଏଠି
ପ୍ରିୟା ଦେହେ ଛପା ଛପା
ହାତର ମେହେନ୍ଦି,
ଭିଜାଏ ସକାଳେ ସଞ୍ଜେ
ନିରୋଳାରେ ଏକା ଏକା
ମନ ଦିଏ ବାନ୍ଧି ।।

ଫୁଲ ବନେ ପ୍ରଜାପତି
ବାଣ୍ଟେ ପ୍ରୀତି ଟିକେ ଟିକେ
ଦୂରୁ ଦେଲେ ଦେଖି ,
ପଳାଶ ଓଠରୁ ଝରେ
ମଣି ମୁକ୍ତା ଟୋପା ଟୋପା
ରଙ୍ଗ ଦିଏ ମାଖି ।।



ଫଗୁଣ ପ୍ରେମ ନିଆରା
ଫଗୁବୋଳା ଚୁନା ଚୁନା
ଶୀତଳ ସମୀର ,
ମହୁଠାରୁ ଭାରି ସ୍ୱାଦ
ସାଥି ସାଜେ ଝୁମି ଝୁମି
ଅତୃପ୍ତ ଭ୍ରମର ।।




ବାଲ୍ୟମ୍ବା, ଭାପୁର
ଢେଙ୍କାନାଳ


## ଶବ୍ଦ- ୨

**ସ୍ନିଗ୍ଧା ପଣ୍ଡା**

ମନରେ ଯେବେ ନୀରବତାର ଶବ୍ଦ ଫୁଲ ଫୁଟେ
ମଳୟ ବିନା ମହକ ତାର ଛାତିରୁ ଡେଇଁ ଛୁଟେ
ରଙ୍ଗ ତାର ଦେଖିବି ବୋଲି ଝଲସି ଯାଏ ଆଖି
ଗୋଲାପି ଚିତ୍ର ଆଙ୍କି ପୁଣି ଲୁଚେଇ ଦିଏ ରଖି

ବୀଣାର ଗୋଟେ ତାରରେ ବାନ୍ଧି ସାତ ଦରଜା ବୁଜି
ଗହନ ଘନ ଅନ୍ଧାରେ ଘୂରେ ନିବିଡ଼ ପଣ ଖୋଜି
ନିଜକୁ ନିଜେ ଛନ୍ଦି ଚାଲେ ଅଦୃଶ୍ୟ ଇନ୍ଦ୍ରଜାଲେ
ମହକ ସହ ମିଳେଇ ଯାଏ ବତୁରା ଛାତି ଫାଳେ



ଶବ୍ଦ ଶେଷେ ନୀରବ ହୁଏ ମନକୁ ଆସେ ଫେରି
ପାପ ପୁଣ୍ୟର ହିସାବ ଚାଲେ ଅନନ୍ତ କାଳ ଧରି
ଗୋପନେ ଫୁଟେ ଗୋପନେ ଝରେ ଥିଲା ବୋଲି କେ ଜାଣେ
ଉଦୟ ଅସ୍ତ ସବୁ ଏଇଠି ଦିଗ୍‌ବଳୟ କଣେ

ଶୁଣିନି କେବେ ଦେଖିନି କେବେ ଛୁଇଁବା ଦୂରେ ଥାଉ
ଜାଣିଚି ଖାଲି ମରମ ତଳେ ଛୋଟ ସେ ଗୋଟେ ଉଃ

## କେବେ

**ରତ୍ନକାନ୍ତି ମିଶ୍ର**

ଏଇ ଜୀବନର ଚଲାପଥ ପରେ ଆସେ ଛାଇ କେବେ ଖରା
କେବେ ମୃଗତୃଷ୍ଣା ଛଳ କପଟର କେବେ କଟୁ ସତ୍ୟ ଭରା,
ଲାଗେ ଶୋଭାମୟ ଦୂର ପରବତ ନିକଟରେ ଦୃଶ୍ୟ ରୁକ୍ଷ
ଲଂଘିବାକୁ ସେଇ ତୀଖ ଭୂମିରୂପ ବାଟବଣା କେବେ ଲକ୍ଷ୍ୟ ।।

ଆଶା ପାରିଜାତ ଭାବନାରେ କେବେ ଫୁଟଇ ହୃଦୟ ବନେ
ମହାମୋହ କେବେ କରଇ କିମିଆ ସପନ ଜାଗଇ ମନେ,
ଅଗ୍ନିର ମାୟାରେ ପତଙ୍ଗ ବି କେବେ ଭୁଲି ବସେ ସୀମାରେଖା
ସେ କି ଜାଣିଥାଏ ତା ଆଶା ଆକାଂକ୍ଷା ନାଶିବ ସେ ଦୀପଶିଖା ॥



ଆଲୋକ ଅନ୍ଧାର ମଝିରେ ଜୀବନ କେବେ ପୂର୍ଣ୍ଣ କେବେ ଶୂନ୍ୟ
କେବେ ପ୍ରାପ୍ତି କେବେ ଅପ୍ରାପ୍ତି ଜୁଟଇ ଖୁସି କେବେ ମୁହ୍ୟମାନ,
ନିୟତି ନିର୍ଦ୍ଦେଶେ କେବେ ଜୀବ ହସେ କେବେ ହୁଏ ମର୍ମାହତ
କେବେ ଆସେ ମନେ ମିଛ ମାୟା ଭରା ସସାଗରା ଏ ଜଗତ ॥

କର୍ମ ଅନୁସାରେ ଫଳ ହୁଏ ପ୍ରାପ୍ତ ଭାଗ୍ୟ କେବେ ହୁଏ ବାମ
ବିତୃଷ୍ଣା ନ ଜାଗୁ ହୃଦୟେ କେବେ ବି ଏଇ ଗୀତା ସାରମର୍ମ ।।


*ଆଳି,*
*କେନ୍ଦ୍ରାପଡା*


## କବିତାର ବ୍ୟବଚ୍ଛେଦ

**ଦୀନବନ୍ଧୁ ବେଜ**

କବିତା ବି ନାଚି ପାରେ ନଟରାଜ ପରି
ପ୍ରଳୟ ବି ରଚିପାରେ ପଦ୍ୟ
ଶବ୍ଦ ବିନ୍ୟାସରେ ଖଞ୍ଜା ଯାଇପାରେ
ହଳାହଳ କାଳକୂଟ ବିଷ।

ଅକ୍ଷର ଗୁଡ଼ିକରୁ ଆରମ୍ଭ ହୋଇପାରେ
ଭୂମିକମ୍ପ ନାନା ବିଭୀଷିକା
ଧାଡ଼ିସବୁ ମାଡ଼ିଚାଲିଲେ ଆଗକୁ ଆଗକୁ
ବଢ଼ିଯାଏ ଅନ୍ତରୁ ଅଭିପ୍ସା ।

ସାପ ଶିଡ଼ି ପରି ବଢ଼ନ୍ତି ଆଗକୁ ଶବ୍ଦ
କବି ଓ କବିତା ବି ବଢ଼େ
ଅନତି ଦୂର ଗହଳ ମାଣ୍ଡିଆ କ୍ଷେତରୁ
ଗହ ଗହ କବିତା ବି ଝଡ଼େ।

ପୂବେଇ ପବନରେ ଝୁଲେ ଓ ଢୁଳେ
କବିତାର ଅକ୍ଷର ସମସ୍ତ
କବିତା ଅନ୍ତସତ୍ତ୍ୱା ହୁଏ ଜୀବନୀ ତତ୍ତ୍ୱର
ଅନ୍ତରୀକ୍ଷରୁ ଭୂପୃଷ୍ଠ ପର୍ଯ୍ୟନ୍ତ ।

ଅଦୃଶ୍ୟ ବି ଦଉଡ଼ିକୁ ଟାଣିକି ଉଟାରେ
କବିକୁ ପ୍ରଲୁବ୍ଧ କରେ ଆନନ୍ଦ
କବିତାରେ ଲାଳିତ୍ୟ ଛୁଙ୍କ ଫୁଟି ବତୁରେ
ପାଠକ ମଧ୍ୟ ହୋଇଥାଏ ପ୍ରଗଳ୍ଭ।

କବି ଛୁଇଁ ଯାଏ ଭୂମିଠାରୁ ଭୂମଧ୍ୟ ସାଗର
ଡେଇଁବାକୁ ଚେଷ୍ଟା କରେ ଗାଁରୁ
ଆଧୁନିକତାର ସରହଦ ରଙ୍ଗୀନ ସହର
ତା ଚେତନାର ଚୌହଦୀ ମଧ୍ୟରୁ ।

ଜାତୀୟତା ବାଦ ଭାବନାର ଅର୍ଗଳିରୁ
ଅନ୍ତର୍ଜାତୀୟ କଥା କବିତା ସ୍ୱାଦକୁ
ବିଞ୍ଚି ଦେଇଥାଏ ଏଠି ସେଠି ଚାରିଆଡ଼େ
ସାହିତ୍ୟ ବାନ୍ଧେ ପିରତି ରଜ୍ଜୁକୁ ।




ବାସୁଦେବପୁର, ଭଦ୍ରକ, ଓଡ଼ିଶା
ଭ୍ରାମ୍ୟଭାଷ:-୭୬୮୩୯୨୦୨୨୧


## ତୁମେ ଗଲାପରେ

**ନଳିନୀ ଦାଶ**

ତୁମେ ଗଲାପରେ ଆକାଶ ଛାତିରେ
ହସୁନି ପୁନେଇଁ ଜହ୍ନ
କୁଞ୍ଜକାନନରୁ ମଧୁପ ଆସୁନି
ଶୁଭୁନି ମଧୁ ଗୁଞ୍ଜନ ।
ତୁମେ ଗଲା ପରେ ଆମ୍ର କାନନରୁ
ଆସୁନି କୋକିଳ ସ୍ୱନ
ଫୁଲେଇ ଫୁଲବି ଫୁଟି ମହକୁନି
ରହିଛି ହୋଇ ମଉନ ।
ତୁମେ ଗଲା ପରେ ହାତ ଲେଖା ଚିଠି
ପଢୁଛି ବସି ମୁଁ ନିତି
ଆଖିରୁ ଲୁହର ନଈ ବହୁଅଛି
ମନେପଡ଼େ ମଧୁସ୍ମୃତି
ତୁମେ ଗଲା ପରେ ମନ ଉପବନେ
ଫୁଟୁନି କଦମ୍ବ ଫୁଲ
ପ୍ରଜାପତି ଆସି ବଗିଚାରେ ଉଡ଼ି
ଫୁଲକୁ କରୁନି ଗେଲ ।
ତୁମେ ଗଲା ପରେ ନୀରବି ଯାଇଛି
ପାଦର ନୂପୁର ଧ୍ୱନି
ସୁର ତାଳ ଧରି ଭାବ ରଙ୍ଗ ଭରି





ହୃଦୟେ ବୀଣା ବାଜୁନି ।
ତୁମେ ଗଲା ପରେ ମରୁ ମରୀଚିକା
ଲାଗୁଛି ଜୀବନ ମୋର
ଆଶା ପୁଷ୍ପ ମନୁ ଯାଇଛି ମଉଳି
ଆଖିରେ ମୋ ଲୁହ ଧାର ।
ତୁମେ ଗଲା ପରେ ଜୀବନ ହୋଇଛି
ଉତ୍ତପ୍ତ ସେ ମରୁବାଲି
ନଫେରିଲେ ପ୍ରିୟା ମୋର ଏଇ ପ୍ରାଣ
କ୍ଷଣକରେ ଯିବ ଚାଲି ।
ତୁମେ ଗଲା ପରେ ଫଗୁ ଅବିରକୁ
ବୁଣି ଫଗୁଣ ଆସୁନି
ବଉଳ ବାସୁନି ମଳୟ ବହୁନି
ଫେରି ଆସ ପ୍ରଣୟିନୀ ।


ଭିକାରିପଡା, ଶରଣକୁଳ, ନୟାଗଡ଼ ।
ଦୂରଭାଷ : ୯୨୩୮୯୯୬୬୪୯


## ଭିଡ଼ ମଧ୍ୟରେ

**ବିବୁଲ ମହାକୁର**

ସହସ୍ର ପାଦ ଚତୁର୍ଦ୍ଦିଗରେ
ଖରା-ବର୍ଷା-ଶୀତରେ ଚାଲିଗଲା ପରେ
ଆଜି ଭିଡ଼ ମଧ୍ୟରେ ନିଃସଙ୍ଗ ରାସ୍ତା
ଭିନ୍ନ ଠିକଣାରେ
ବନ୍ଧୁତା ଓ ଶତ୍ରୁତାଠୁ ବହୁ ଉର୍ଦ୍ଧ୍ୱରେ।

ପଦଧୂଳିରେ ଖୋଜେ ଆତ୍ମୀୟତା
ଭଙ୍ଗା ସମ୍ପର୍କର ଇଟା-ବାଲି-ଛପରରେ,
ଖୋଜିବୁଲେ ଯାଯାବର ପରି
କୁମ୍ଭାର ଚକରେ ଚକଟା
ଭିନ୍ନ ଦୁନିଆର ମାଟି-ପାଣିରେ ଗଢ଼ା
ଅଜଣା ରାସାୟନିକ ସମ୍ପର୍କକୁ।

ପ୍ରେମଚନ୍ଦଙ୍କ 'କଫନ୍' କାହାଣୀର
ପ୍ରସବ ବେଦନାରେ ପ୍ରପୀଡ଼ିତ ବୁଧିଆ ପରି
ଆଜି ମୃତ୍ୟୁମାଗେ ଦୁନିଆ ଦାଣ୍ଡରେ
ଅସହାୟ ସଂପର୍କରେ
ନିର୍ମାଣର ଭିନ୍ନ ଏକ ସ୍ୱପ୍ନ ନେଇ।

ଆଧୁନିକୀକରଣର ଧୂଆଁ ଓ ଧୂଳିରେ
ଆଜି ଜୀବନ ରାସ୍ତା ନିଃସଙ୍ଗ
ଶହଶହ ପଦଚାରୀଙ୍କ ଭିଡ଼ରେ
ଆଶା ! କିଏବା ଆବୋରି ଦେବ
ଆହା ! ଶବଦ ପଦକରେ
ଛିଞ୍ଚିଦେବ ନିଜତ୍ୱର ସ୍ୱେଦ ବିନ୍ଦୁଟିଏ।

ହୁଏତ ଏ ସ୍ୱେଦ ହେଇପାରେ
ଜୀବନର ଆଉ ଗୋଟେ ଦଶନ୍ଧି
ହେଇପାରେ ଏକ ପ୍ରତିଶ୍ରୁତି
ଗୋଟେ ଦିଗବଳୟକୁ ଯୋଡ଼ିବାର
ଅନ୍ୟ ଏକ ଦିଗବଳୟ ସହ।


ବଲାଙ୍ଗୀର
ମୋ. ନଂ - ୮୨୪୯୭୦୨୨୫୨


## ଅରଣ୍ୟ ରଙ୍ଗ

**ବଳରାମ ପୂଜାରୀ**

ଏଠି ତ ଡଙ୍ଗର ସାରା
ରଙ୍ଗର ଫୁଆରା ।
କେବେ
ଡହ ଡହ ଭୋକ ରଙ୍ଗ
ତ
କେବେ
ଶୁଖିଲା ପାଚିଲା ମଲା ଝୋଲାର
ତଣ୍ଟି ଶୁଖା ରଙ୍ଗ ।
କେବେ 'ଅଗନା ଅଗନି ଅରଣ୍ୟ ଉଆସରେ ମୃତ୍ୟୁର ହୋରି !
ଅଭାବୀ ପଣର ଫିକା ପିଚକାରୀ !

ଜଙ୍ଗଲ ଜଂଘ ସନ୍ଧିରୁ
ଜୀବନମାନଙ୍କୁ
ଜିଆଁଉ ଜିଆଁଉ
ଅପହୃତ' ହୋଇଯାଏ
ପାହାଡ଼ ଖୋଲରୁ'
ଅଣ୍ଟିଏ ନିଅଣ୍ଟିଆ ନିଃଶ୍ୱାସ ।
ମୃତ୍ୟୁ ରଙ୍ଗ ସହ
ଏଠି ଆମ
ଅଲିଖିତ ଅଘୋଷିତ' ସନ୍ଧି ।




କୁଡୁମୁଲୁଗୁମ୍ମା, ମାଲକାନଗିରି
ମୋ -୯୬୬୮୬୮୮୪୭୪

# ମୁମ୍ବାଇ ଇଣ୍ଡିଆନ୍ସକୁ ଏବେ ଫେରିବେନି ସୂର୍ଯ୍ୟ କୁମାର



**ମୁମ୍ବାଇ**

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ପରାଜୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଆଉ ଏକ ଖରାପ ଖବର ଆସିଛି। ଦଳର ଷ୍ଟାର ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍ ହୋଇନାହାନ୍ତି। ଏଭଳି ପରିସ୍ଥିତିରେ ସେ ଏବେ ମ୍ୟାଚ୍ ଖେଳି ପାରିବେ ନାହିଁ। ଏହି ଖବର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଟେନ୍ସନ୍‌କୁ ବଢ଼ାଇବାକୁ ଯାଉଛି, କାରଣ ଏପର୍ଯ୍ୟନ୍ତ ମୁମ୍ବାଇ ଏହି ସିଜନ୍‌ରେ ବିଜୟର ଖାତା ଖୋଲି ପାରିନାହିଁ। ଆଇପିଏଲ ୨୦୨୪ର ଦୁଇଟି ମ୍ୟାଚ୍‌ରେ ମୁମ୍ବାଇ ପରାଜୟର ସମ୍ମୁଖୀନ ହୋଇଛି।

ମିଷ୍ଟର ୩୬୦ ଡିଗ୍ରୀ ଭାବରେ ଜଣାଶୁଣା ସୂର୍ଯ୍ୟକୁମାର ଯାଦବ ହର୍ନିଆ ସର୍ଜରୀରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନାହାନ୍ତି ଏବଂ ଆଇପିଏଲର ଆଉ କିଛି ମ୍ୟାଚ୍ ଖେଳି ପାରିବେ ନାହିଁ। ତେବେ ନ୍ୟାସ୍‌ନାଲ କ୍ରିକେଟ ଏକାଡେମୀ (ଏନସିଏ) ତାଙ୍କ ରିକଭରୀ ଉପରେ ନଜର ରଖିଛି। ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବା ସୂର୍ଯ୍ୟକୁମାର ଚଳିତ ସିଜନରେ ଏପର୍ଯ୍ୟନ୍ତ କୌଣସି ମ୍ୟାଚ୍ ଖେଳିପାରି ନାହାନ୍ତି ଏବଂ ତାଙ୍କ ଦଳ ଉଭୟ ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ଭାରତୀୟ କ୍ରିକେଟ ବୋର୍ଡ (ବିସିସିଆଇ) ସୂତ୍ରରୁ ପ୍ରକାଶ ଯେ ସୂର୍ଯ୍ୟ (ସୂର୍ଯ୍ୟକୁମାର) ବହୁତ ଭଲ ଅଗ୍ରଗତି କରୁଛନ୍ତି ଏବଂ ଖୁବ୍ ଶୀଘ୍ର ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ପ୍ରତ୍ୟାବର୍ତ୍ତନ କରିବେ। ତେବେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଖେଳିବା ପରେ ତାଙ୍କୁ ଆଉ କିଛି ମ୍ୟାଚ୍‌ରୁ ଦୂରେଇ ରହିବାକୁ ପଡ଼ିପାରେ। ଯଦିଓ ମୁମ୍ବାଇ ଇଣ୍ଡିଆନ୍ସ ସୂର୍ଯ୍ୟକୁମାରଙ୍କୁ ମିସ୍ କରୁଛି, କିନ୍ତୁ ବିସିସିଆଇ ଏହି ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନଙ୍କ ଫିଟ୍‌ନେସ୍‌କୁ ନେଇ କୌଣସି ବିପଦ ନେବାକୁ ଚାହୁଁନାହିଁ, କାରଣ ଜୁନ ମାସରେ ୱେଷ୍ଟଇଣ୍ଡିଜ ଏବଂ ଆମେରିକାରେ ଅନୁଷ୍ଠିତ ହେବାକୁ ଥିବା ଟି-୨୦ ବିଶ୍ୱକପରେ ସେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

# ମୁମ୍ବାଇ ଇଣ୍ଡିଆନ୍ସର ପରାଜୟ ନେଇ ଇର୍ଫାନ ପଠାନଙ୍କ ପ୍ରତିକ୍ରିୟା

**ନୂଆଦିଲ୍ଲୀ**

ମୁମ୍ବାଇ ଇଣ୍ଡିଆନ୍ସ ଭଳି ଶକ୍ତିଶାଳୀ ଟିମ୍ ବିପକ୍ଷରେ ସନ ରାଇଜର୍ସ ହାଇଦ୍ରାବାଦର ବିଶାଳ ୨୭୭ ରନର ସ୍କୋର ସମସ୍ତଙ୍କୁ ଚକିତ କରିଥିଲା। ଆଇପିଏଲ ଇତିହାସରେ ବିରଳ ରେକର୍ଡ କରି ହାଇଦ୍ରାବାଦ ଯେତିକି ପ୍ରଶଂସିତ ନ ହେଉଛି ତା'ଠୁ ଅଧିକ ସମାଲୋଚନାର ଶିକାର ହେଉଛି ମୁମ୍ବାଇ।

ଏଥିପାଇଁ କ୍ରିକେଟ ପ୍ରେମୀ ନୂଆ କରି ନେତୃତ୍ୱ ନେଇଥିବା ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦାୟୀ କରୁଥିବା ବେଳେ ଟିମ୍ ଇଣ୍ଡିଆର ପୂର୍ବତନ ଷ୍ଟାର କ୍ରିକେଟର ଇର୍ଫାନ ପଠାନ ମଧ୍ୟ ହାର୍ଦ୍ଦିକଙ୍କ ଅଧିନାୟକତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି।

ଇର୍ଫାନ ପଠାନ ହାର୍ଦ୍ଦିକଙ୍କ ଅଧିନାୟକତ୍ୱ ଅତି ସାଧାରଣ ଥିଲା ବୋଲି କହିବା ସହ ଯଶ୍‌ପ୍ରୀତ



ବୁମ୍ରାଙ୍କ ସ୍ଥାନରେ ସେ ପ୍ରଥମ ଓଭର ବୋଲିଂ କରିବା ଏବଂ ତାଙ୍କ ଷ୍ଟ୍ରାଇକ୍ ରେଟ୍‌କୁ ନେଇ ବିରକ୍ତ ଭାବ ପ୍ରକାଶ କରିଛନ୍ତି। ପଠାନ ଏକ୍ସ ପୋଷ୍ଟରେ କହିଛନ୍ତି, ବୁମ୍ରାଙ୍କୁ ବିଳମ୍ବରେ ବୋଲିଂ ଦେବାର କାରଣ କ'ଣ ମୁଁ ବୁଝିପାରୁନି। ୨୭୮ ରନର ଟାର୍ଗେଟ୍‌କୁ ପିଛା କରି ମୁମ୍ବାଇ ୨୪୬/୫ ରନ କରିଥିଲା। ପାଣ୍ଡ୍ୟା କିନ୍ତୁ ୨୦ ବଲରେ ୨୪ ରନ କଲେ।

ଯଦି ଅନ୍ୟ ଖେଳାଳିମାନେ ୨୦୦ ଷ୍ଟ୍ରାଇକ ରେଟ୍ ସହ ଖେଳୁଥିଲେ, ତେବେ କ୍ୟାପ୍ଟେନ ୧୨୦ ଷ୍ଟ୍ରାଇକ୍ ରେଟ୍ ସହ ବ୍ୟାଟିଂ କଲେ କିଏ କ'ଣ କେବେ ଭାବିଥିଲା। ମୁମ୍ବାଇ ବିପକ୍ଷରେ କୌଣସି ଦଳ ଏତେ ସ୍କୋର କରିପାରିବ।

ହାଇଦ୍ରାବାଦ ବିପକ୍ଷରେ ମୁମ୍ବାଇ ୨୭୮ ରନର ଟାର୍ଗେଟ୍‌କୁ ପିଛା କରି ୫ ୱିକେଟ ହରାଇ ୨୪୬ରେ ଅଟକି ଯାଇଥିଲା। ରୋହିତ ଶର୍ମା ୨୬(୧୨), ଇଶାନ କିଶାନ ୩୪(୧୩), ନମନ ଧୀର ୩୦(୧୪), ତିଲକ ବର୍ମା ୬୪(୩୪), ଟିମ୍ ଡାଭିଡ ୨୨(୪୨), ରୋମାରିଓ ଶେଫର୍ଡ ୧୫(୬) ରନ କରିଥିବା ବେଳେ ହାର୍ଦ୍ଦିକ ୨୦ ବଲରେ ୨୪ ରନ କରିଥିଲେ। ଟିମ୍ ଡାଭିଡ୍ ଓ ରୋମାରିଓ ଅପରାଜିତ ରହିଥିଲେ। ଏହି ପରାଜୟ ସହ କ୍ରମାଗତ ଭାବେ ମୁମ୍ବାଇ ହାତରୁ ଦୁଇଟି ମ୍ୟାଚ୍ ଯାଇଛି। ଗୁଜରାଟ ଟାଇଟନ୍ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ମଧ୍ୟ ପରାଜୟ ହୋଇଥିଲା।

# ରୋହିତଙ୍କୁ ସମ୍ଭାଳିବାକୁ ପଡ଼ିଲା ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକତ୍ୱ !

**ନୂଆଦିଲ୍ଲୀ**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୩ ଉଇକେଟ୍ ହରାଇ ୨୭୭ ରନ୍ ସଂଗ୍ରହ କରିଥିଲା। ଆଇପିଏଲ ଇତିହାସରେ ଏହା ହେଉଛି ସବୁଠାରୁ ବଡ଼ ସ୍କୋର। କିନ୍ତୁ ସନରାଇଜର୍ସ ହାଇଦ୍ରାବାଦ ବ୍ୟାଟରମାନେ ଯେପରି ରନ୍ ସ୍କୋର କରିଥିଲେ, ଏହା ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ଇରଫାନ ପଠାନଙ୍କ ପରି କ୍ରିକେଟ କିମ୍ବଦନ୍ତୀ ବିଶ୍ୱାସ କରନ୍ତି ଯେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଖରାପ ଅଧିନାୟକତ୍ୱ ମୁମ୍ବାଇ ଇଣ୍ଡିଆନ୍ସକୁ ଭୋଗିବାକୁ ପଡ଼ିବ।

ଏଥି ସହିତ ସୋସିଆଲ ମିଡିଆରେ ଏକ ଭିଡିଓ ଦିନକୁ ଦିନ ଭାଇରାଲ ହେବାରେ ଲାଗିଛି। ଏହି ଭାଇରାଲ ଭିଡିଓରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ପୂର୍ବତନ ଅଧିନାୟକ ରୋହିତ ଶର୍ମା ନଜର ଆସିଛନ୍ତି। ଏହି ଭିଡିଓରେ ଏହା ଦେଖିବାକୁ ମିଳେ ଯେ ଯେତେବେଳେ ସନରାଇଜର୍ସ ହାଇଦ୍ରାବାଦ ବ୍ୟାଟରମାନେ ସହଜରେ ଛକା-ଚୌକା ମାରିଥିଲେ, ସେତେବେଳେ ରୋହିତ ଶର୍ମା ଅଧିନାୟକ ଭୂମିକାରେ ନଜର ଆସିଥିଲେ। ରୋହିତ ଶର୍ମା



ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଫିଲ୍ଡିଂ ସେଟ୍ କରୁଥିବା ଦେଖିବାକୁ ମିଳିଥିଲା। ଆହୁରି ମଧ୍ୟ ରୋହିତ ଶର୍ମା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ବାଉଣ୍ଡ୍ରିରେ ଫିଲ୍ଡ କରିବାକୁ ପଠାଇଥିଲେ। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି।

## ଇଣ୍ଡିଆନ୍ ଓପନ୍ ପାରା ଦୌଡ଼କୁଦ
# ଜୟନ୍ତୀ, ସୁଚିତ୍ରା ଜିତିଲେ ୫ ପଦକ

**ଭୁବନେଶ୍ୱର**



ବେଙ୍ଗାଲୁରୁରେ ଆୟୋଜିତ ଷଷ୍ଠ ଇଣ୍ଡିଆନ୍ ଓପନ୍ ପାରା ଦୌଡ଼କୁଦ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ୨ ଜଣ ଜୟନ୍ତୀ ବେହେରା (୧୦୦, ୨୦୦, ୪୦୦ ମିଟର) ଓ ସୁଚିତ୍ରା ପରିଡ଼ା (ଜାଭ୍‌ଲିନ୍, ସଟ୍‌ପୁଟ୍) ଭାଗ ନେଇଥିଲା ବେଳେ ୫ ପଦକ (୧ ସ୍ୱର୍ଣ୍ଣ, ୩ ରୌପ୍ୟ, ୧ କାଂସ୍ୟ) ମିଳିଛି। ସୁଚିତ୍ରା ମହିଳା ଜାଭ୍‌ଲିନ୍ ଏଫ୍-୩୪/୫୨/୫୩/୫୫/୫୬ରେ ସ୍ୱର୍ଣ୍ଣ ଏବଂ ସଟ୍‌ପୁଟ୍ ଏଫ୍-୫୫ରେ କାଂସ୍ୟ ଜିତିଥିଲେ। ସେ ୧୬.୧୬ ମିଟର ଜାଭଲିନ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲା ବେଳେ ୫.୩୦ ମିଟର ସଟ୍‌ପୁଟ୍ ଫିଙ୍ଗି ତୃତୀୟ ସ୍ଥାନରେ ରହିଥିଲେ। ମହିଳା ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ ଟି-୩୫/୪୪/୪୬/୪୭/୬୨ରେ ଜୟନ୍ତୀ ୩ଟି ରୌପ୍ୟ ପାଇଛନ୍ତି। ୧୦୦ ମିଟ୍‌ର ରେସ୍‌କୁ ସେ ୧୩.୭୨ ସେକେଣ୍ଡ୍, ୨୦୦ ମିଟରକୁ ୨୮.୩୧ ସେକେଣ୍ଡ୍ ଏବଂ ୪୦୦ ମିଟରକୁ ୧ମିନିଟ୍ ୨.୬୦ ସେକେଣ୍ଡ୍ ସମୟରେ ଶେଷ କରି ଏହି ସମସ୍ତ ଇଭେଣ୍ଟରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡ଼ିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥ୍‌ଲେଟିକ ଏସୋସିଏସନର ସହଯୋଗରେ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ୭ମ ରୁ ୧୦ ଶ୍ରେଣୀର ଛାତ୍ରଙ୍କୁ ନେଇ ୫ଟି ଦଳ ଗଠନ କରାଯାଇଛି ବୋଲି କ୍ରିକେଟ ସହ ସମ୍ପାଦକ ହରପ୍ରସାଦ ପାତ୍ର ଜଣାଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଟିମ୍-ବି ଟିମ୍-ସି କୁ ୨୦୨ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଟିମ୍-ବି ୩୦.୫ ଓଭରରେ ସମସ୍ତ ଉଇକେଟ ହରାଇ ୩୬୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଚନ୍ଦନ ସିଂହ ୧୭ ଛକା ଓ ୭ଟି ଚୌକା ବଲରେ ୧୪୯ ଓ ନିଶାନ୍ତ ମିଶ୍ର ୩୬ ବଲରେ ୫୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଅଂଶମାନ ଗିରି ୪ଟି ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ଟିମ୍-ସି ୨୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରିପାରିଥିଲେ। ଦଳ ପାଖରୁ ସୁରାଇ ହେମ୍ବ୍ରମ ୫ଟି ଛକା ଓ ୧୧ଟି ଚୌକା ବଲରେ ୮୨ ରନ କରିଥିବା ବେଳେ ବିପକ୍ଷ ଦଳର ନିଶାନ୍ତ ମିଶ୍ର ୩ଟି ଉଇକେଟ ଅକ୍ତିଆର କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ଅମିତ ପଣ୍ଡା ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥ୍‌ଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ସୁରକ୍ଷା ବଳୟ ଭାଙ୍ଗି ପଡ଼ିଆରେ ପଶିଲେ କୋହଲିଙ୍କ ପ୍ରଶଂସକ

**ବେଙ୍ଗାଲୁରୁ**

ତାଙ୍କ ସ୍ୱପ୍ନର କ୍ରିକେଟ୍ ତାରକା ବିରାଟ କୋହଲିଙ୍କୁ ଆଲିଙ୍ଗନ କରିବାର ପ୍ରୟାସ ପ୍ରଶଂସକଙ୍କ ପାଇଁ କାଳ ପାଲଟିଛି। ଉକ୍ତ ପ୍ରଶଂସକଙ୍କୁ ନିରାପତ୍ତା କର୍ମୀ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରି ଦେଇଛନ୍ତି। ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ଆର୍‌ସିବି ରନ୍‌ର ପିଛା କରୁଥିବା ବେଳେ କୋହଲି କ୍ରିଜ୍‌ରେ ଥିଲେ। ସୁରକ୍ଷା ବଳୟ ଭାଙ୍ଗି ଉକ୍ତ ପ୍ରଶଂସକ ପଡ଼ିଆ ମଧ୍ୟକୁ ଦୌଡ଼ିଯାଇ କୋହଲିଙ୍କୁ ଆଲିଙ୍ଗନ କରିଥିଲେ। ତୁରନ୍ତ କିଛି ସୁରକ୍ଷା କର୍ମୀ ଉକ୍ତ ପ୍ରଶଂସକଙ୍କୁ ଘୋଷାଡ଼ି ପଡ଼ିଆରୁ ବାହାରକୁ ନେଇ ଯାଇଥିଲେ। ଖେଳାଳିଙ୍କ ସୁରକ୍ଷାରେ ଢିଲା



ଥିବାରୁ ସିନା ଉକ୍ତ ପ୍ରଶଂସକ ପଡ଼ିଆରେ ପଶିପାରିଲେ; ହେଲେ ତାଙ୍କ ଉପରେ ସମସ୍ତ ରାଗ ସୁଝାଇଥିଲେ ସୁରକ୍ଷା କର୍ମୀ। ତାଙ୍କୁ ପଡ଼ିଆରୁ ଷ୍ଟାଡିୟମ୍ ମଧ୍ୟରେ ଥିବା ଏକ ପତଳା ଗଳିକୁ ସେମାନେ ନେଇ ଯାଇଥିଲେ। ୩/୪ ଜଣ ବ୍ୟକ୍ତି ଉକ୍ତ ପ୍ରଶଂସକଙ୍କୁ ଯିଏ ଯେପରି ପାରିଲା; ମାରି ଚାଲିଥିଲେ। ବିଧା, ଗୋଇଠା, ମୁଥ ଉକ୍ତ ପ୍ରଶଂସକଙ୍କ ଉପରେ ବର୍ଷିଥିଲା। ଏତେ ମାଡ଼ ଖାଇ ଉକ୍ତ ପ୍ରଶଂସକ ଆଉ ଉଠି ପାରିନଥିଲେ। ଏହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି।

# ମୁମ୍ବାଇ ଇଣ୍ଡିଆନ୍ସ-ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ୍‌ରେ ରେକର୍ଡ ବର୍ଷା

**ହାଇଦ୍ରାବାଦ**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଆଇପିଏଲ ଇତିହାସରେ ସନରାଇଜର୍ସ ହାଇଦ୍ରାବାଦ ସର୍ବାଧିକ ସ୍କୋର କରିଥିଲା। ଏହାପୂର୍ବରୁ ଏହି ରେକର୍ଡ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନାମରେ ଥିଲା। ଆଇପିଏଲ ୨୦୧୩ରେ ଆରସିବି ୨୬୩ ରନ ସ୍କୋର କରିଥିଲା। କିନ୍ତୁ ବର୍ତ୍ତମାନ ସନରାଇଜର୍ସ ହାଇଦ୍ରାବାଦ ନିଜ ନାମରେ ରେକର୍ଡ ସୃଷ୍ଟି କରିଛି। ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ୍‌ରେ ୪୦ ଓଭରରେ ୫୨୩ ରନ ସ୍କୋର କରାଯାଇଥିଲା। ଆଇପିଏଲ ଇତିହାସରେ ପ୍ରଥମ ଥର ପାଇଁ ଉଭୟ ଇନିଂସରେ ୫୦୦ରୁ ଅଧିକ ରନ ସ୍କୋର କରାଯାଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ବନାମ ସନରାଇଜର୍ସ ହାଇଦ୍ରାବାଦ ମ୍ୟାଚ୍‌ରେ ରେକର୍ଡ ୩୮ ଛକା ମାରିଥିଲା। ଏଥି ସହିତ ଉଭୟ ଦଳର ମୋଟ ୪ ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ମାର୍କ ଅତିକ୍ରମ କରିଥିଲେ। ଆଇପିଏଲ ଇତିହାସରେ ଦ୍ୱିତୀୟ ଇନିଂସରେ ସର୍ବାଧିକ ରନ ପାଇଁ ରାଜସ୍ଥାନ ରୟାଲ୍ସ ରେକର୍ଡ କରିଥିଲା। ଆଇପିଏଲ ୨୦୨୦ରେ ରାଜସ୍ଥାନ ରୟାଲ୍ସ ୨୨୬ ରନ ସ୍କୋର କରି ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ ଜିତିଥିଲା। ଏଥି ସହିତ ବର୍ତ୍ତମାନ ମୁମ୍ବାଇ ଇଣ୍ଡିଆନ୍ସ ସେମାନଙ୍କ ନାମରେ ରେକର୍ଡ ସୃଷ୍ଟି କରିଛି। ଏହି ମ୍ୟାଚ୍‌ରେ ୩୮ଟି ଛକା ବ୍ୟତୀତ ୬୯ ଚୌକା ହୋଇଥିଲା। ଏହାପୂର୍ବରୁ ଆଇପିଏଲ ୨୦୧୦ରେ ଚେନ୍ନାଇ ସୁପର କିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ ମ୍ୟାଚ୍‌ରେ ୬୯ ଚୌକା ହୋଇଥିଲା।

# ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଦୋଳ ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗୋଟିଏ ପଟେ ବିଶ୍ୱନାଥ ମନ୍ଦିର ନିକଟରେ ଶ୍ରୀ ଲିଙ୍ଗରାଜ ମହାପ୍ରଭୁ, ମା' ପାର୍ବତୀ ଓ ମା' ଦୁର୍ଗା ଦୋଳବେଦୀରେ ଝୁଲୁଥିବା ବେଳେ ସମ୍ମୁଖରେ ଦୋଳଗୋବିନ୍ଦ ଦୋଳବେଦୀରେ ବସି ପୂଜା ପାଇଥିଲେ। ଶତାଧିକ ଭକ୍ତ ଠାକୁରଙ୍କୁ ଚାଚେରୀ ଭୋଗ କରିବା ସହ ଫଗୁ ଲାଗି କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଦୋଳ ଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ଭଜନ ମଣ୍ଡପଠାରେ ଦୋଳ ମହୋତ୍ସବ-୨୦୨୪ ମହା-ସମାରୋହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକାମ୍ର ସାଂସ୍କୃତିକ ପ୍ରକାଶନୀର ସଭାପତି ପୂର୍ବତନ ମନ୍ତ୍ରୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ



ଏହି ଭଜନ କାର୍ଯ୍ୟକ୍ରମରେ ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ ପ୍ରତିଭା ପଣ୍ଡା ଓ ଲିଙ୍ଗରାଜ ଥାନାର ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ଶିବାନନ୍ଦ ରାୟ, ରଶ୍ମି ମହାପାତ୍ର, ଯୁବ ସାମ୍ବାଦିକ ଲିଙ୍ଗରାଜ ସାହୁ, ଗଣେଶ ପାଲ୍, ବାବନ ଚନ୍ଦ୍ର ମହାପାତ୍ର, ସୁଧୀର ରଂଜନ ଜେନା, ତପନ ମହାସୁଆର, ବିଶ୍ୱନାଥ ମହାପାତ୍ର, ପ୍ରମୋଦ କୁମାର ଦାସ, କର୍ପୋରେଟର ବିରଞ୍ଚି ମହାସୁପକାର, ସାଂସ୍କୃତିକ ପ୍ରକାଶନୀ ସଂସ୍ଥାର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର, କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର ଏବଂ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ପାଢୀଙ୍କ ନେତୃତ୍ୱରେ କଣ୍ଠଶିଳ୍ପୀ ଉପେନ୍ଦ୍ର ପ୍ରଧାନ, ପବିତ୍ର କୁମାର ପାତ୍ର, ଶ୍ରୀମନ୍ କୁମାର ପତି, ଗୁନିଲି ମଙ୍ଗରାଜ, ରଶ୍ମିତା ଦାସ, ସ୍ୱପ୍ନା ପ୍ରିୟଦର୍ଶିନୀ, ଲିଟିଲ୍ କର, ଜୟଶ୍ରୀ ମହାପାତ୍ର, ରୋଜାଲିନ୍ ପଟ୍ଟନାୟକ ଓ ଶୁଭଶ୍ରୀ ସାହୁ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏହି ସଂଗୀତ କାର୍ଯ୍ୟକ୍ରମରେ ଅନନ୍ତ, ଶୁଭେନ୍ଦୁ, ଚିତ୍ତରଞ୍ଜନ, ଟୁବୁ, ଚରଣ, ଲିଟୁ ଓ କାହ୍ନୁଚରଣ ପ୍ରମୁଖ ସହାୟତା କରିଥିଲେ।

# ଗାଙ୍ଗପଡ଼ା ପଞ୍ଚାୟତ କଂଗ୍ରେସ କର୍ମୀ ସମ୍ମିଳନୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ବ୍ଲକ ଅଧିନ ଗାଙ୍ଗପଡ଼ା ପଞ୍ଚାୟତ ସ୍ତରୀୟ କଂଗ୍ରେସର କର୍ମୀ ସମାବେଶ ଦୋବନ୍ଧା ଠାରେ ପଞ୍ଚାୟତ କଂଗ୍ରେସ ସଭାପତି ଅଙ୍କୁର ଚରଣ ଦାସଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବୁଥୟାରୀ ଦଳର ସ୍ଥିତି ସମୀକ୍ଷା କରାଯାଇଅଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ରଣନୀତି ବାବଦରେ ଆଲୋଚନା ସହ ପଞ୍ଚାୟତ ନିର୍ବାଚନ କମିଟି ଓ ବୁଥ୍ ନିର୍ବାଚନ କମିଟି ଗଠନ କରାଯାଇଛି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଏହି ସମ୍ମିଳନୀରେ ଯୋଗ ଦେଇ ବିଧାନସଭାରେ କେନ୍ଦ୍ରାପଡ଼ାର ସ୍ୱର ଉଠାଇବା ଓ କେନ୍ଦ୍ରାପଡ଼ାର ବିକାଶ ଆଗେଇ ନେବାକୁ ଜଣେ ଦକ୍ଷ ବିଧାୟକ ନିର୍ବାଚିତ କରିବା ଉପରେ ଗୁରୁତ୍ୱ ଦେଇ ଥିଲେ। ସେ ପ୍ରତିଶ୍ରୁତି ଦେଇଥିଲେ ଯେ 'ମୁଁ କେନ୍ଦ୍ରାପଡ଼ା ବାସୀଙ୍କ ବିଶ୍ୱାସ ଭାଙ୍ଗିବି ନାହିଁ' । କେନ୍ଦ୍ରାପଡ଼ା ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡ଼ା, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଜେନା, ଦିଲ୍ଲୀପ କୁମାର ରାଉତ, ଯୁବ କଂଗ୍ରେସ ସଭାପତି ଜଗବନ୍ଧୁ ସାହୁ, ବରିଷ୍ଠ କଂଗ୍ରେସ ନେତା ଅକ୍ଷୟ କୁମାର ଦାସ, ଗୌତମ କୁମାର ମଲ୍ଲିକ, ନୃସିଂହ ଚରଣ ନାୟକ, ସୁଦର୍ଶନ ଜେନା, ସୁନାକାର ଜେନା, ଭଗବାନ ସାମଲ ଓ ହୃଷିକେଶ ମଲ୍ଲିକ ପ୍ରମୁଖ ଆଲୋଚନାରେ ଭାଗ ନେଇ ସୁଖ ଦୁଃଖର ସାଥି ଗଣେଶ୍ୱର ବେହେରାଙ୍କୁ ଗାଙ୍ଗପଡ଼ା ପଞ୍ଚାୟତରୁ ବହୁ ଭୋଟ୍‌ରେ ଜିତାଇବାକୁ ଶପଥ ନେଇଥିଲେ।

# କେଣ୍ଟାଲୋ ପଞ୍ଚାୟତ ପାଲଟିଲା ରଣକ୍ଷେତ୍ର : ପୋଲିସ ମୁତୟନ, ୧୬ ଗିରଫ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକର ବହୁ ଚର୍ଚ୍ଚିତ କେଣ୍ଟାଲୋ ଗ୍ରାମପଞ୍ଚାୟତ ପୁଣଥରେ ପବିତ୍ର ହୋଲି ପର୍ବରେ ରଣକ୍ଷେତ୍ର ପାଲଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଛି। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ସମ୍ପୃକ୍ତ ଗ୍ରାମପଞ୍ଚାୟତରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଉଭୟ ପକ୍ଷର ୧୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦୀର୍ଘ ଦିନ ହେଲା କେଣ୍ଟାଲୋ ଗ୍ରାମପଞ୍ଚାୟତ ଅପରାଧିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। କେତେକ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ବିଶେଷ ମଣିଷ ରକ୍ତରେ ହୋଲି ଖେଳିବା ପାଇଁ ପଛାଉ ନାହାନ୍ତି। ଏଠାରେ ଦୁଇ ରାଜନୈତିକ ଦଳର ଛାମୁଆଁ ନେତାମାନେ ନିଜର ବ୍ୟକ୍ତିଗତ ରାଜନୈତିକ ଫାଇଦା ହାସଲ ନିମନ୍ତେ ବାରମ୍ବାର ସରଳ ନିରୀହ ଲୋକଙ୍କୁ ମତାଇ ରକ୍ତପାତର ସୂତ୍ରପାତ କରୁଥିବା ଘଟଣା କାହାରିକୁ ଅଛପା ନାହିଁ। ଏଠାରେ ହୋଲିଖେଳ ଚାଲିଥିଲା ବେଳେ ଦୁଇଗୋଷ୍ଠୀ ମଧ୍ୟରେ ମାଡ଼ପିଟ୍ ଓ ରକ୍ତାକ୍ତ ସଂଘର୍ଷର ସୂତ୍ରପାତ ହୋଇଥିଲା। ଦୁଇଗୋଷ୍ଠୀ ମଧ୍ୟରେ ଏପରି ସଙ୍ଘର୍ଷ ଚାଲିଥିଲା ବେଳେ କେତେକ ରାଜନୈତିକ ବ୍ୟକ୍ତି ବିଶେଷ ଫାଇଦା ହାସଲ ନିମନ୍ତେ ଜଳୁଥିବା ନିଆଁରେ ଘିଅ ପକାଉଥିବାର ଦେଖିବାକୁ ମିଳିଥିଲା। ଏସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଉଭୟ ପକ୍ଷରୁ ପୃଥକ୍ ପୃଥକ୍ ଦୁଇଟି ଅଭିଯୋଗ କରାଯାଇଛି। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଏହି ଅଭିଯୋଗ ଉପରେ ଥାନା କେଶ ନଂ ୭୩/୨୦୨୩ ଓ ୭୪/୨୦୨୪ରେ ପୃଥକ୍ ପୃଥକ୍ ଭାବେ ଦୁଇଟି ମାମଲା ରୁଜୁ କରିଛି। ପୋଲିସ ଉଭୟ ପକ୍ଷରୁ ୧୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଘଟଣାସ୍ଥଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଛି। ସେହିପରି ଭାବେ ଏହି ଥାନା ଜିଗ୍ନିପୁର ଗ୍ରାମପଞ୍ଚାୟତ ମହାଜନପୁର ଗ୍ରାମରେ ହୋଲିଖେଳକୁ କେନ୍ଦ୍ରକରି ଦୁଇପରିବାର ମଧ୍ୟରେ ମାଡ଼ପିଟ୍ ହୋଇଛି। ଜଣେ ଗୁରୁତର ଭାବେ ଆହତ ହୋଇ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏନେଇ ନିଶ୍ଚିନ୍ତକୋଇଲି ଥାନାରେ କେଶ ନଂ ୭୨/୨୦୨୪ରେ ଏକ ମାମଲା ରୁଜୁ ହୋଇଛି।

# ଅନନ୍ତ ଯାତ୍ରାରେ ସ୍ୱାମୀ ସ୍ମରଣାନନ୍ଦ



**ନରେନ୍ଦ୍ର ମୋଦୀ**
ଭାରତର ପ୍ରଧାନମନ୍ତ୍ରୀ

ଲୋକସଭା ନିର୍ବାଚନ ମହାପର୍ବର ବ୍ୟସ୍ତତା ମଧ୍ୟରେ ଏମିତି ଏକ ଖବର ଆସିଥିଲା, ଯାହା ମନକୁ କିଛି ମୁହୂର୍ତ୍ତ ପାଇଁ ବିବ୍ରତ କରି ଦେଇଥିଲା। ଭାରତର ଆଧ୍ୟାତ୍ମିକ ଚେତନାର ସର୍ବୋଚ୍ଚ ବ୍ୟକ୍ତିତ୍ୱ ଶ୍ରୀମତ ସ୍ୱାମୀ ସ୍ମରଣାନନ୍ଦଜୀ ମହାରାଜ ସମାଧିସ୍ଥ ହେବା ଏକ ବ୍ୟକ୍ତିଗତ କ୍ଷତି। କିଛି ବର୍ଷ ପୂର୍ବେ ସ୍ୱାମୀ ଆତ୍ମସ୍ଥାନନ୍ଦଜୀଙ୍କ ମହାପ୍ରୟାଣ ଏବଂ ବର୍ତ୍ତମାନ ସ୍ୱାମୀ ସ୍ମରଣାନନ୍ଦଙ୍କ ଅନନ୍ତ ଯାତ୍ରାରେ ବିଦାୟ ଅନେକ ଲୋକଙ୍କୁ ଦୁଃଖିତ କରିଛି। ରାମକୃଷ୍ଣ ମଠ ଓ ମିଶନର ଲକ୍ଷ ଲକ୍ଷ ଭକ୍ତ, ସାଧୁ ଓ ଅନୁଗାମୀଙ୍କ ପରି ମୁଁ ମଧ୍ୟ ବହୁତ ଦୁଃଖୀ।

ଚଳିତ ମାସ ପ୍ରାରମ୍ଭରେ ପଶ୍ଚିମବଙ୍ଗ ଗସ୍ତ ସମୟରେ ମୁଁ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ପାଇଁ ଡାକ୍ତରଖାନା ଯାଇଥିଲି। ସ୍ୱାମୀ ଆତ୍ମସ୍ଥାନନ୍ଦଜୀଙ୍କ ଭଳି ସ୍ୱାମୀ ସ୍ମରଣାନନ୍ଦଜୀ ମଧ୍ୟ ଆଚାର୍ଯ୍ୟ ରାମକୃଷ୍ଣ ପରମହଂସ, ମାତା ଶାରଦା ଓ ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତାଧାରାକୁ ବିଶ୍ୱରେ ପ୍ରସାର ପାଇଁ ସଂପୂର୍ଣ୍ଣ ଜୀବନକୁ ଉତ୍ସର୍ଗ କରିଦେଇଥିଲେ। ଏହି ଲେଖା ଲେଖିବା ସମୟରେ ତାଙ୍କ ସହ ମୋର ସାକ୍ଷାତ୍, ତାଙ୍କ ସହ ମୋର କଥାବାର୍ତ୍ତା, ସେହି ସ୍ମୃତି ମୋ ମନରେ ଜୀବନ୍ତ ହୋଇଯାଉଛି।

ଜାନୁଆରୀ ୨୦୨୦ରେ ବେଲୁର ମଠରେ ରହିବା ସମୟରେ ମୁଁ ସ୍ୱାମୀ ବିବେକାନନ୍ଦଙ୍କ କୋଠରୀରେ ବସି ଧ୍ୟାନ କରିଥିଲି। ସେହି ଗସ୍ତ ସମୟରେ ମୁଁ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ସହ ସ୍ୱାମୀ ଆତ୍ମସ୍ଥାନନ୍ଦଜୀଙ୍କ ବିଷୟରେ ଦୀର୍ଘ ସମୟ ଧରି କଥା ହୋଇଥିଲି।

ଆପଣ ଜାଣନ୍ତି ରାମକୃଷ୍ଣ ମିଶନ ଏବଂ ବେଲୁର ମଠ ସହିତ ମୋର କେତେ ଆତ୍ମୀୟ ସମ୍ପର୍କ ରହିଛି। ଜଣେ ଆଧ୍ୟାତ୍ମିକ ସାଧକ ଭାବରେ ଗତ ପାଞ୍ଚ ଦଶନ୍ଧି ମଧ୍ୟରେ ମୁଁ ବିଭିନ୍ନ ସାଧୁ ଓ ମହାତ୍ମାଙ୍କୁ ଭେଟିଛି, ଅନେକ ସ୍ଥାନରେ ରହିଛି। ରାମକୃଷ୍ଣ ମଠରେ ମଧ୍ୟ ଆଧ୍ୟାତ୍ମିକତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସନ୍ଥମାନଙ୍କ ସହିତ ମୋର ପରିଚୟ ହୋଇଥିଲା, ସେମାନଙ୍କ ମଧ୍ୟରେ ସ୍ୱାମୀ ଆତ୍ମାସ୍ଥାନନ୍ଦଜୀ ଏବଂ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ପବିତ୍ର ଚିନ୍ତାଧାରା ଓ ଜ୍ଞାନ ମୋ ମନକୁ ନିରନ୍ତର ସନ୍ତୋଷ ଦେଇଥିଲା। ଏମାନଙ୍କ ଭଳି ସନ୍ଥମାନେ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟରେ ମୋତେ ଜନସେବା ହିଁ ଭଗବାନଙ୍କ ସେବା ବୋଲି ଶିଖାଇଥିଲେ।

ସ୍ୱାମୀ ଆତ୍ମସ୍ଥାନନ୍ଦଜୀ ଏବଂ ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ଜୀବନ ରାମକୃଷ୍ଣ ମିଶନର 'ଆତ୍ମନୋ ମୋକ୍ଷାର୍ଥ ଜଗଦ୍ଧିତାୟ ଚ' ର ଏକ ଅତୁଳନୀୟ ଉଦାହରଣ।

ଶିକ୍ଷାର ପ୍ରଚାର ପ୍ରସାର ଏବଂ ଗ୍ରାମୀଣ ବିକାଶ ପାଇଁ ରାମକୃଷ୍ଣ ମିଶନ ଦ୍ୱାରା କରାଯାଉଥିବା କାର୍ଯ୍ୟ ଆମ ସମସ୍ତଙ୍କୁ ପ୍ରେରଣା ଦେଇଥାଏ। ରାମକୃଷ୍ଣ ମିଶନ ଭାରତର ଆଧ୍ୟାତ୍ମିକ ଚେତନା, ଶିକ୍ଷାଗତ ସଶକ୍ତିକରଣ ଏବଂ ମାନବସେବା ଦିଗରେ କାର୍ଯ୍ୟ କରୁଛି। ୧୯୭୮ ମସିହାରେ ପଶ୍ଚିମବଙ୍ଗରେ ବନ୍ୟା ଆସିବା ପରେ ରାମକୃଷ୍ଣ ମିଶନ ନିଜର ନିଃସ୍ୱାର୍ଥପର ସେବା ଦ୍ୱାରା ସମସ୍ତଙ୍କ ହୃଦୟ ଜିତି ନେଇଥିଲା। ମୋର ମନେ ଅଛି, ୨୦୦୧ରେ କଚ୍ଛ ଭୂମିକମ୍ପ ସମୟରେ ସ୍ୱାମୀ ଆତ୍ମସ୍ଥାନନ୍ଦ ପ୍ରଥମ ବ୍ୟକ୍ତି ଥିଲେ ଯିଏ ମୋତେ ଫୋନ କରି କହିଥିଲେ ଯେ ରାମକୃଷ୍ଣ ମିଶନ ବିପର୍ଯ୍ୟୟ ପରିଚାଳନା ପାଇଁ ସମସ୍ତ ସମ୍ଭବ ଉପାୟରେ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୂମିକମ୍ପର ସେହି ସଙ୍କଟ ସମୟରେ ରାମକୃଷ୍ଣ ମିଶନ ଲୋକଙ୍କୁ ବହୁତ ସାହାଯ୍ୟ କରିଥିଲା।

ବର୍ଷ ବର୍ଷ ଧରି ସ୍ୱାମୀ ଆତ୍ମସ୍ଥାନନ୍ଦଜୀ ଏବଂ ସ୍ୱାମୀ ସ୍ମରଣାନନ୍ଦଜୀ ବିଭିନ୍ନ ପଦବୀରେ ରହି ସାମାଜିକ ସଶକ୍ତୀକରଣ ଉପରେ ବହୁତ ଗୁରୁତ୍ୱ ଦେଇଥିଲେ। ଯେଉଁମାନେ ଏହି ମହାନ ବ୍ୟକ୍ତିତ୍ୱଙ୍କ ଜୀବନକୁ ଜାଣନ୍ତି ସେମାନେ ନିଶ୍ଚୟ ମନେ ରଖିବେ ଯେ ଆପଣଙ୍କ ପରି ଜଣେ ସନ୍ଥ। ଆଧୁନିକ ଶିକ୍ଷା, ଦକ୍ଷତା ଏବଂ ମହିଳା ସଶକ୍ତୀକରଣ ଦିଗରେ କେତେ ଗମ୍ଭୀର ଥିଲେ।

ସ୍ୱାମୀ ଆତ୍ମାସ୍ଥାନନ୍ଦଜୀଙ୍କ ବିଶାଳ ବ୍ୟକ୍ତିତ୍ୱର ସ୍ୱତନ୍ତ୍ରତା ଯାହା ମୋତେ ସବୁଠାରୁ ଅଧିକ ପ୍ରଭାବିତ କରିଥିଲା। ତାହା ଥିଲା ପ୍ରତ୍ୟେକ ସଂସ୍କୃତି, ପ୍ରତ୍ୟେକ ପରମ୍ପରା ପ୍ରତି ତାଙ୍କର ସମ୍ମାନ ଏବଂ ଭଲପାଇବା। ଏହାର କାରଣ ହେଲା ସେ ବିଭିନ୍ନ ସ୍ଥାନରେ ଦୀର୍ଘ ସମୟ ବିତାଇଥିଲେ ଏବଂ ସେ ନିରନ୍ତର ଭ୍ରମଣ କରୁଥିଲେ। ଗୁଜରାଟରେ ରହୁଥିବା ବେଳେ ସେ ଗୁଜରାଟୀ ଭାଷା ଶିଖିଥିଲେ। ଏପରିକି ମୋ ସହିତ ମଧ୍ୟ ସେ ଗୁଜୁରାଟୀ ଭାଷାରେ କଥା ହେଉଥିଲେ। ମୋତେ ତାଙ୍କ ଗୁଜୁରାଟୀ ମଧ୍ୟ ଭଲ ଲାଗିଥିଲା।

ଭାରତର ବିକାଶ ଯାତ୍ରାର ଅନେକ କ୍ଷେତ୍ରରେ ସ୍ୱାମୀ ଆତ୍ମାସ୍ଥାନନ୍ଦଜୀ, ସ୍ୱାମୀ ସ୍ମରଣାନନ୍ଦଜୀଙ୍କ ଭଳି ଅନେକ ସନ୍ଥଙ୍କ ଆଶୀର୍ବାଦ ଆମ ମାତୃଭୂମିକୁ ମିଳିଛି, ଯେଉଁମାନେ ଆମକୁ ସାମାଜିକ ପରିବର୍ତ୍ତନର ଏକ ନୂତନ ଚେତନା ଦେଇଛନ୍ତି। ଏହି ସାଧୁମାନେ ଆମକୁ ସମାଜ କଲ୍ୟାଣ ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛନ୍ତି। ଏହି ନୀତିଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ ଚିରନ୍ତନ ଏବଂ ଆଗାମୀ ଦିନରେ ଏହି ଧାରଣା ବିକଶିତ ଭାରତ ଏବଂ ଅମୃତ କାଳର ସଙ୍କଳ୍ପ ଶକ୍ତିରେ ପରିଣତ ହେବ।

ମୁଁ ପୁଣି ଥରେ ସମଗ୍ର ଦେଶ ତରଫରୁ ଏଭଳି ସାଧୁ ଆତ୍ମାମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ମୋର ବିଶ୍ୱାସ ଯେ ରାମକୃଷ୍ଣ ମିଶନ ସହ ଜଡ଼ିତ ସମସ୍ତେ ତାଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗକୁ ଆହୁରି ପ୍ରଶସ୍ତ କରିବେ।

॥ ଓମ ଶାନ୍ତି ॥





# ବିଜେପିରେ ଯୋଗଦେଲେ ଭର୍ତ୍ତୃହରି ମହତାବ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିକଟରେ ବିଜୁ ଜନତା ଦଳ (ବିଜେଡି)ରୁ ଇସ୍ତଫା ଦେଇଥିବା କଟକ ଲୋକସଭା ଏମ୍‌ପି ଭର୍ତ୍ତୃହରି ମହତାବ ବିଜେପିରେ ଯୋଗଦେଇଛନ୍ତି। ତାଙ୍କ ସହିତ ଦୁଇଥର ବ୍ରହ୍ମପୁରରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ସିଦ୍ଧାନ୍ତ ମହାପାତ୍ର ଏବଂ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ମଧ୍ୟ ବିଜେପିରେ ଯୋଗ ଦେଇଛନ୍ତି। ଭର୍ତ୍ତୃହରି ମହତାବ କଟକରୁ ଏମ୍‌ପି ଭାବେ ୬ଥର ନିର୍ବାଚିତ ହୋଇଛନ୍ତି। ଗତ ୨୨ ତାରିଖରେ ଭର୍ତ୍ତୃହରି ବିଜେଡିରୁ ଇସ୍ତଫା ଦେଇଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ପୁଅ ଭର୍ତ୍ତୃହରି ୧୯୯୮ ମସିହାରୁ ସମ୍ମାନଜନକ କଟକ ସଂସଦୀୟ କ୍ଷେତ୍ରରୁ ପ୍ରତିନିଧିତ୍ୱ କରିଆସୁଛନ୍ତି। ସେ ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ଲୋକସଭାରେ ବିଜେଡିର ଫ୍ଲୋର ନେତା ମଧ୍ୟ ରହିଆସିଛନ୍ତି। ୧୯୯୮ରୁ ୧୯୯୯, ୨୦୦୪, ୨୦୦୯, ୨୦୧୪ ଏବଂ ୨୦୧୯ ପର୍ଯ୍ୟନ୍ତ ସେ ୬ଥର ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଭର୍ତ୍ତୃହରି ୨୦୧୭ରେ ସମ୍ମାନଜନକ ଉଲ୍ଲେଖନୀୟ ସଂସଦୀୟ ପୁରସ୍କାର ପାଇଥିଲେ। ତାଙ୍କୁ ୨୦୧୭, ୨୦୧୮, ୨୦୧୯ ଏବଂ ୨୦୨୦ରେ ସଂସଦ ରତ୍ନ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ଭର୍ତ୍ତୃହରି ବର୍ତ୍ତମାନ ଶ୍ରମ, ବୟନଶିଳ୍ପ ଏବଂ ଦକ୍ଷତା ବିକାଶ ଉପରେ ସଂସଦ ଷ୍ଟାଣ୍ଡିଂ କମିଟିର ସଭାପତି ଅଛନ୍ତି। ସେ ସରକାରୀ ଭାଷା ଉପରେ ସଂସଦ କମିଟିର ଡେପୁଟି ଚେୟାରମ୍ୟାନ୍ ତଥା ପବ୍ଲିକ ଆକାଉଣ୍ଟସ କମିଟିର ସଦସ୍ୟ ମଧ୍ୟ ଅଛନ୍ତି।

# ନାଲ୍‌କୋର ନୂତନ ଉତ୍ପାଦ ଆଲୁମିନିୟମ୍ ଆଲୟ ଇଙ୍ଗଟ୍ ଏ.ଏଲ.-୫୯ର ବଜାର ପ୍ରବେଶ



**ଅନୁଗୋଳ/ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନାଲ୍‌କୋ ପକ୍ଷରୁ ଗୁରୁବାର ଏକ ନୂତନ ଆଲୁମିନିୟମ୍ ଆଲୟ ଇଙ୍ଗଟ୍ "ଏ.ଏଲ. -୫୯"ର ବଜାର ପ୍ରବେଶ କରାଯାଇଛି। ଏ.ଏଲ. -୫୯ ମୁଖ୍ୟତଃ ବୈଦ୍ୟୁତିକ ସଞ୍ଚାରଣ ଓ ବିତରଣ କ୍ଷେତ୍ରରେ ବ୍ୟବହୃତ କଣ୍ଡକ୍ଟର ଉତ୍ପାଦନ ନିମନ୍ତେ ବ୍ୟବହାର କରାଯାଇଥାଏ। ଭାରତ ସରକାରଙ୍କ ଦ୍ୱାରା ସଂଶୋଧିତ ବିତରଣ କ୍ଷେତ୍ର ଯୋଜନା (ଆର.ଡି.ଏସ.ଏସ.) ଆରମ୍ଭ ହେବା ପରେ ଏହାର ବହୁଳ ବ୍ୟବହାର କରାଯାଉଛି। ଏହି ଧାତୁରୁ ପ୍ରସ୍ତୁତ କଣ୍ଡକ୍ଟର ଗୁଣାତ୍ମକ ହେବା ସହ ତିଆରି କରୁଥିବା କମ୍ପାନୀ ନିମନ୍ତେ ଏକ ସ୍ୱତନ୍ତ୍ର ବଜାର ଚାହିଦା ସୃଷ୍ଟି କରିବ। ଏ.ଏଲ. -୫୯ ଆଲୟରୁ ତିଆରି କଣ୍ଡକ୍ଟର ଗୁଡ଼ିକୁ ଭିନ୍ନ ଭିନ୍ନ ଭୋଲଟେଜ (ଲୋ ଠାରୁ ଅଲଟ୍ରା ହାଇ) ଥିବା ବୈଦ୍ୟୁତିକ ସଞ୍ଚାରଣ ଓ ବିତରଣ ଲାଇନ୍‌ରେ ବ୍ୟବହାର କରାଯାଇଥାଏ। ଏହି ଆଲୟର ଅବକ୍ଷୟ ପ୍ରତିରୋଧିଗୁଣ ଥିବା ଯୋଗୁଁ ଏହା ବିଶେଷଭାବରେ ଉପକୂଳବର୍ତ୍ତୀ ଅଞ୍ଚଳରେ ବୈଦ୍ୟୁତିକ ସଞ୍ଚାରଣ ଏବଂ ବିତରଣରେ ବ୍ୟବହାର ନିମନ୍ତେ ଉପଯୁକ୍ତ ଅଟେ। କଣ୍ଡକ୍ଟର ଉତ୍ପାଦନକାରୀମାନେ ବର୍ତ୍ତମାନ ନାଲ୍‌କୋର ଏ.ଏଲ.-୫୯ ଆଲୁମିନିୟମ୍ ଆଲୟ ଇଙ୍ଗଟ କ୍ରୟ କରିପାରିବେ ଏବଂ ଏହାକୁ ଏ.ଏଲ.-୫୯ କଣ୍ଡକ୍ଟର ଉତ୍ପାଦନ ନିମନ୍ତେ ଫିଡ୍‌ଷ୍ଟକ ଭାବରେ ବ୍ୟବହାର କରିପାରିବେ।
ଉତ୍ପାଦର ପ୍ରଥମ ଗ୍ରାହକ ଏବଂ ନାଲ୍‌କୋର ସ୍ମେଲଟର ଆଣ୍ଡ ପାୱାର କମ୍ପ୍ଲେକ୍ସର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କମ୍ପାନୀର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ ଏହି ନୂତନ ଆଲୁମିନିୟମ୍ ଆଲୟ ଇଙ୍ଗଟର ବଜାର ପ୍ରବେଶ କରାଇଥିଲେ। ନୂତନ ଉତ୍ପାଦର ଶୁଭାରମ୍ଭ ପାଇଁ ସିଏମଡି ଶ୍ରୀଧର ପାତ୍ର ସ୍ମେଲଟର ଏବଂ ମାର୍କେଟିଂ ଟିମ୍‌କୁ ଅଭିନନ୍ଦନ ଜଣାଇବା ସହ ଏହା ଏକ ଭବିଷ୍ୟତମୁଖୀ ଉତ୍ପାଦ ବୋଲି କହିଛନ୍ତି।

## ଆସିଷ୍ଟାଣ୍ଟ ସେସନ୍ସ ଜଜ୍‌ଙ୍କ ଆଦେଶ ହାଇକୋର୍ଟରେ ରଦ୍ଦ

# ୩୩ ବର୍ଷ ପରେ ଆବେଦନକାରୀ ଦୋଷମୁକ୍ତ

**କଟକ, ନ୍ୟୁଜ ବ୍ୟୁରୋ**

ଏନ୍‌ଡିପିଏସ୍ (ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ୍ ସବ୍‌ଷ୍ଟାନ୍‌ସେସ୍ ଆକ୍ଟ)-ମାମଲାର ଶୁଣାଣି ଆସିଷ୍ଟାଣ୍ଟ ସେସନ୍ସ ଜଜ୍‌ଙ୍କ ଅଦାଲତରେ ହୋଇପାରିବ ନାହିଁ। ୩୩ ବର୍ଷ ତଳେ ଏନ୍‌ଡିପିଏସ୍ ମାମଲାରେ ଜୟପୁର ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଦେଇଥିବା ଆଦେଶକୁ ଓଡ଼ିଶା ହାଇକୋର୍ଟ ରଦ୍ଦ କରି ଦେଇଛନ୍ତି। ଫଳରେ ଜୟପୁର ଆସିଷ୍ଟାଣ୍ଟ ସେସନ୍ସ ଜଜ୍‌ଙ୍କ ଆଦେଶରେ ଦୁଇ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ ହୋଇଥିବା ଅଭିଯୁକ୍ତ ବାଲ୍ମୀକି ରାଉତଙ୍କୁ ନିର୍ଦ୍ଦୋଷରେ ଛାଡ଼ ପାଇଁ ଓଡ଼ିଶା ହାଇକୋର୍ଟ ଆଦେଶ ଦେଇଛନ୍ତି। ବାଲ୍ମୀକି ରାଉତଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ବିଚାରପତି ଦେବବ୍ରତ ଦାସ ଏବଂ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ବାଲ୍ମୀକି ରାଉତ ୧୯୯୦ ମସିହାରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ କୋରାପୁଟର ଜୟପୁର ଠାରେ ଅବକାରୀ ବିଭାଗ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲା। ତା' ନିକଟରୁ ୬ପ୍ୟାକେଟ୍‌ର ଗଞ୍ଜେଇ ଜବତ କରାଯାଇଥିଲା। ଏହି ମାମଲାର ଶୁଣାଣି ଜୟପୁର ଆସିଷ୍ଟାଣ୍ଟ ସେସନ୍ସ ଜଜ୍‌ଙ୍କ ଅଦାଲତରେ ଶୁଣାଣି ହୋଇଥିଲା। ଅଦାଲତ ୧୯୯୧ ମସିହାରେ ରାୟ ପ୍ରକାଶ କରି ଅଭିଯୁକ୍ତ ବାଲ୍ମୀକି ରାଉତକୁ ୨ବର୍ଷ ଜେଲ୍ ଏବଂ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଥିଲେ। ଏହି ଆଦେଶ ବିରୋଧରେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ଜଣିକିଆ ବିଚାରପତିଙ୍କ ଅଦାଲତରେ ଏହି ମାମଲାର ଶୁଣାଣି ହୋଇଥିଲା। କିନ୍ତୁ ଜଣିକିଆ ବିଚାରପତି ଏନ୍‌ଡିପିଏସ୍ ମାମଲା ଆସିଷ୍ଟାଣ୍ଟ ସେସନ୍ସ ଜଜ୍‌ଙ୍କ ଅଦାଲତରେ ହୋଇପାରିବ ନାହିଁ ବୋଲି ମତ ଦେଇଥିଲେ। ଏହାର ଗୁରୁତ୍ୱ ଦୃଷ୍ଟିରୁ ଏହା ଏକ ବୃହତ୍ତ ବେଞ୍ଚରେ ଶୁଣାଣିର ଆବଶ୍ୟକତା ରହିଥିବା କହି ଜଣିକିଆ ବିଚାରପତି ଏହାକୁ ମୁଖ୍ୟ ବିଚାରପତିଙ୍କ ନିକଟକୁ ଫେରାଇ ଦେଇଥିଲେ। ମୁଖ୍ୟ ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ବିଚାରପତି ଦେବବ୍ରତ ଦାସ ଏବଂ ବିଚାରପତି ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଥିଲା। ଅଦାଲତ ଏହି ମାମଲାରେ ରାୟ ପ୍ରକାଶ କରି ଜୟପୁର ଆସିଷ୍ଟାଣ୍ଟ ସେସନ୍ସ ଜଜ୍‌ଙ୍କ ଆଦେଶକୁ ରଦ୍ଦ କରି ଦେଇଛନ୍ତି।



# ଟିକେଟ୍ ପାଇବା ପରେ ନବୀନ ନିବାସରେ ନେତାଙ୍କ ଭିଡ଼

**ଭୁବନେଶ୍ୱର, ନ୍ୟୁଜ ବ୍ୟୁଜ**

ଟିକେଟ୍ ପାଇବା ପରେ ବିଜେଡି ସୁପ୍ରିମୋଙ୍କୁ ଧନ୍ୟବାଦ ଜଣାଇବା ପାଇଁ ନବୀନ ନିବାସରେ ଏମ୍‌ପି ଏବଂ ବିଧାୟକ ପ୍ରାର୍ଥୀଙ୍କ ପ୍ରବଳ ଭିଡ଼ ଲାଗିଛି। ଏମାନଙ୍କ ମଧ୍ୟରେ କଟକ ଏମ୍‌ପି ପ୍ରାର୍ଥୀ ସଂତୃପ୍ତ ମିଶ୍ର, କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି, ମୟୂରଭଞ୍ଜ ଏମ୍‌ପି ପ୍ରାର୍ଥୀ ସୁଦାମ ମାରାଣ୍ଡି, ବିକ୍ରମ କେଶରୀ ଆରୁଖ, ପ୍ରମୋଦ ମଲ୍ଲିକ, ସୁଶାନ୍ତ ସିଂ ପ୍ରମୁଖ ପହଞ୍ଚି ଧନ୍ୟବାଦ ଜଣାଇଛନ୍ତି । ସେହିପରି ରୀତା ସାହୁ, ସ୍ନେହାଙ୍ଗିନୀ ଛୁରିଆ, ସୁବାସ ବେହେରା, ନିରଞ୍ଜନ ପୂଜାରୀ, ବିପ୍ଳବ ପାତ୍ର ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲୁଗା ପ୍ରଧାନ, ଅତନୁ ସବ୍ୟସାଚୀ ନାୟକ, ଦେବୀ ରଞ୍ଜନ ତ୍ରିପାଠୀ, ମାନସ ମଙ୍ଗରାଜ, ବିଷ୍ଣୁଦତ୍ତ ରାଉତରାୟ, ପ୍ରଫୁଲ୍ଲ ସାମଲ, ଅରବିନ୍ଦ ମହାପାତ୍ର, ଟୁକୁନି ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହିତ ଭାଗିରଥୀ ସେଠୀ, ଜଗନ୍ନାଥ ନାୟକ, ବଦ୍ରୀ ପାତ୍ର, ପ୍ରଫୁଲ୍ଲ ମଲ୍ଲିକ ଓ ବ୍ୟୋମକେଶ ରାୟ, ଦିଲ୍ଲୀପ ତିର୍କୀ, ଶ୍ରୀକାନ୍ତ ସାହୁ, ଚନ୍ଦ୍ରସାରଥୀ ବେହେରା, ଆକାଶ ଦାସ ନାୟକ, ସୌଭିକ ବିଶ୍ୱାଳ, ପ୍ରତାପ ଦେବ, ସୁଶାନ୍ତ ସିଂ, ଜଗନ୍ନାଥ ନାୟକ ମଧ୍ୟ ନବୀନ ନିବାସରେ ପହଞ୍ଚିଛନ୍ତି।



## ବୌଦ୍ଧର ୨ ସ୍ଥାନରେ ଜିଏସ୍‌ଟି ରେଡ୍

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ସହରର ଦୁଇଟି ସ୍ଥାନରେ ପୁଣି ଜିଏସଟି ରେଡ୍ । ଜିଏସ୍‌ଟି ଠକେଇ ଅଭିଯୋଗରେ ଗୋପାଳ ଓ ବାଲାଜି ହାଡ଼ୱେର ଷ୍ଟୋରରେ ଚାଲିଛି ଚଢ଼ଉ । ସମ୍ବଲପୁର ଜିଏସ୍‌ଟି ବିଭାଗର ୧୦ ଜଣିଆ ଟିମ୍ ଚଢ଼ଉ କରିଛନ୍ତି। ବ୍ୟବସାୟୀ ଗଜାନନ ଅଗ୍ରୱାଲ ଦୀର୍ଘଦିନ ହେବ ଜିଏସଟି ଫାଙ୍କି ବ୍ୟବସାୟ କରିଆସୁଥିବା ଅଭିଯୋଗ ହୋଇଥିଲା । ଗୁରୁବାର ସକାଳୁ ଗଜାନନଙ୍କ ୨ଟି ବ୍ୟବସାୟିକ ପ୍ରତିଷ୍ଠାନ ସହ ଆଉ ଦୁଇଟି ସ୍ଥାନରେ ପୋଲିସର କଡ଼ା ସୁରକ୍ଷା ବଳୟରେ ଚାଲିଥିଲା ରେଡ଼।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତର ଆଧୁନିକ ...

ଚଲିଥିଲା । ତେଜସ ମାର୍କ-୧ଏର ପ୍ରଥମ ଉଡ଼ାଣ ୧୮ ମିନିଟ ଧରି ଚଲିଥିଲା ଏବଂ ହାଲ୍'ର ମୁଖ୍ୟ ଟେଷ୍ଟ ପାଇଲଟ (ଫିକ୍ସଡ ୱିଙ୍ଗ୍) ଗ୍ରୁପ କ୍ୟାପଟେନ (ଅବସରପ୍ରାପ୍ତ) କେକେ ବେଣୁଗୋପାଳ ଏହାକୁ ପରିଚାଳନା କରିଥିଲେ। ଏହି ନୂଆ ତେଜସ ଲଢୁଆ ବିମାନ ବିଶ୍ୱର ଶ୍ରେଷ୍ଠ ହାଲୁକା ଲଢୁଆ ବିମାନଗୁଡ଼ିକଠାରୁ କିଛି କମ ନୁହେଁ। ତେଜସ ମାର୍କ-୧ଏରେ ଡିଜିଟାଲ ରାଡାର ଆଲର୍ଟ ରିସିଭର, ଆଡଭାନ୍ସଡ ଇଲେକ୍ଟ୍ରୋନିକ ସ୍କାନ ଆରେ (ଏଇଏସଏ) ରାଡାର, ଆଡଭାନ୍ସ ଭିଜୁଆଲ ରେଞ୍ଜ (ବିଭିଆର) ଏୟାର ଟୁ ଏୟାର ମିସାଇଲ ଏବଂ ବାହ୍ୟ ସେଲ୍ଫ ପ୍ରୋଟେକ୍ସନ ଜାମର ପୋଡ ଭଳି ଫିଚର ରହିଛି। ତେଜସର ଏହି ନୂଆ ଅବତାର ଅନ୍ୟ ଲଢୁଆ ବିମାନ ତୁଳନାରେ ବହୁତ ଛୋଟ । ଏହାର ବିଶେଷତା ହେତୁ ଏହା ଶତ୍ରୁପକ୍ଷର ରାଡାରରେ ଲଢୁଆ ବିମାନ ଭଳି ଧରାପଡିବ ନାହିଁ । ଏହି ବିଶେଷତା କାରଣରୁ ତେଜସର ଏହି ନୂଆ ଅବତାର ବହୁତ ବିପଜ୍ଜନକ ବୋଲି କୁହାଯାଉଛି।

## ନିର୍ବାଚନ ପୂର୍ବରୁ ...

ଉତ୍ତରାଖଣ୍ଡରେ ସର୍ବନିମ୍ନ ଦୈନିକ ମଜୁରୀ ୭ ଟଙ୍କା ବଢ଼ିଥିବା ବେଳେ ଗୋଆରେ ସର୍ବାଧିକ ୩୪ ଟଙ୍କା ବଢ଼ିଛି। ପାରିଶ୍ରମିକ ବୃଦ୍ଧି ପରେ ହରିଆଣାରେ ଏହି ଯୋଜନାରେ କାମ କରୁଥିବା ଶ୍ରମିକଙ୍କ ଦୈନିକ ମଜୁରୀ ସର୍ବାଧିକ ୩୭୪ ଟଙ୍କା ହୋଇଥିବା ବେଳେ ଗୋଆରେ ୩୫୬, କେରଳରେ ୩୪୬ ଟଙ୍କା ହୋଇଛି। ତେବେ ଓଡ଼ିଶାରେ ୧୭ ଟଙ୍କା ମଜୁରୀ ବଢ଼ିଛି। ଏବେ ଓଡିଶାରେ ମନରେଗା ଅଧୀନରେ କାର୍ଯ୍ୟ କରୁଥିବା ଶ୍ରମିକ ଦୈନିକ ପାରିଶ୍ରମିକ ୨୫୪ ଟଙ୍କା ପାଇବେ। ପ୍ରକାଶ ଥାଉକି, ବଜେଟରେ କେନ୍ଦ୍ର ସରକାର ଏହି ଯୋଜନା ପାଇଁ ୮୬ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ।

## ଅନ୍ୟକୁ ଡରେଇବା...

ଦେଇଥାଏ। ଏବେ ୧୪୦ କୋଟି ଭାରତୀୟ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସୂଚନାଯୋଗ୍ୟ, ହରିଶ ସାଲଭେ ଏବଂ ବାର କାଉନସିଲ ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ସମେତ ୬୦୦ରୁ ଅଧିକ ଓକିଲ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖି କହିଛନ୍ତି ଯେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କାମ ହେଉଛି ଅଦାଲତର ନିଷ୍ପତ୍ତିକୁ ପ୍ରଭାବିତ କରିବା ପାଇଁ ଚାପ ପକାଇବା, ବିଶେଷକରି ଯେଉଁ ମାମଲାରେ ରାଜନେତାମାନେ ସମ୍ପୃକ୍ତ ଅଛନ୍ତି କିମ୍ବା ଦୁର୍ନୀତି ଅଭିଯୋଗର ସମ୍ମୁଖୀନ ହେଉଛନ୍ତି ସେମାନଙ୍କ କାର୍ଯ୍ୟକଳାପ ଦେଶର ଗଣତାନ୍ତ୍ରିକ ଢାଞ୍ଚା ଏବଂ ନ୍ୟାୟିକ ପ୍ରକ୍ରିୟା ପ୍ରତି ଏହାର ବିଶ୍ୱାସ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

## ପାଖରେ ଟଙ୍କା...

ଆନ୍ଧ୍ର ପ୍ରଦେଶ କିମ୍ବା ତାମିଲନାଡୁରୁ ଲୋକସଭା ନିର୍ବାଚନ ଲଢ଼ିବାକୁ ପ୍ରସ୍ତାବ ଦେଇଥିଲେ ବୋଲି ନିର୍ମଳା କହିଛନ୍ତି । ସେ କହିଛନ୍ତି, ପ୍ରସ୍ତାବ ମିଳିବା ପରେ ମୁଁ ପ୍ରାୟ ୭ରୁ ୧୦ ଦିନ ଚିନ୍ତା କରିଥିଲି। ଏହାପରେ ମୋ ଉତ୍ତର ଥିଲା ସମ୍ଭବତଃ ନା। ନିର୍ବାଚନ ଲଢିବା ପାଇଁ ଆବଶ୍ୟକ ଟଙ୍କା ମୋ ପାଖରେ ନାହିଁ। ଆନ୍ଧ୍ର ପ୍ରଦେଶ ହେଉ କିମ୍ବା ତାମିଲନାଡୁରେ ମୋର ମଧ୍ୟ ଗୋଟିଏ ସମସ୍ୟା ରହିଛି । ବିଜୟୀ ହେବା ପାଇଁ ସେଠାରେ ଅନେକ ପ୍ରକାରର ପ୍ରଶ୍ନ ରହିଛି । ସେମାନେ ଅନେକ କାରଣ ଖୋଜନ୍ତି । ଆପଣ କେଉଁ ସଂପ୍ରଦାୟର କିମ୍ବା ଆପଣଙ୍କ ଧର୍ମ କ'ଣ? ଆପଣ ସେଠାରୁ ଆସିଛନ୍ତି କି? ଏମିତି କେତେ କ'ଣ ପ୍ରଶ୍ନ ରହିଛି । ତେଣୁ ମୁଁ ମନା କରି ଦେଇଛି । କାରଣ ମୁଁ ଏସବୁ କରିପାରିବି ନାହିଁ । ସେମାନେ ମୋ ଯୁକ୍ତିକୁ ଗ୍ରହଣ କରିଥିବାରୁ ମୁଁ ବେଶ କୃତଜ୍ଞ। ତେଣୁ ମୁଁ ନିର୍ବାଚନ ଲଢୁ ନାହିଁ। ଦେଶର ଅର୍ଥ ମନ୍ତ୍ରୀଙ୍କ ପାଖରେ କ'ଣ ନିର୍ବାଚନ ଲଢିବାକୁ ଟଙ୍କା ନାହିଁ ବୋଲି ପ୍ରଶ୍ନରେ ସେ କହିଛନ୍ତି, ମୋ ଦରମା, ମୋ ଆୟ, ମୋ ସେଭିଂଗ, ମୋ ଟଙ୍କା ଭାରତର ଟଙ୍କା। ମୋର ନୁହେଁ । ତେବେ ସୀତାରମଣ କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖରଙ୍କ ସମେତ ବିଜେପିର ଏକାଧିକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ବୋଲି କହିଛନ୍ତି।

## ଟିକେଟ ବଣ୍ଟନରେ...

ଜଣଙ୍କୁ ଦେଇଛନ୍ତି ବିଧାନସଭା ଟିକେଟ। ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିକଶିତ ଓଡ଼ିଶା ଗଠନର ଯୋଦ୍ଧାଙ୍କୁ ବିଧାୟକ ଟିକେଟ ଦେଇ ଗ୍ରାଉଣ୍ଡକୁ ପଠାଇଛି ଦଳ । ଲୋକପ୍ରିୟତା, ନୂଆ, ପୁରୁଣା ଓ ଅଭିଜ୍ଞ ନେତାଙ୍କୁ ଭରଷା କରିଛନ୍ତି ନବୀନ ପଟ୍ଟନାୟକ। ଟିକେଟ ପାଇବା ପରେ ଦଳୀୟ ପ୍ରାର୍ଥୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହ ନିଜ ଅଞ୍ଚଳରେ ବିକାଶଧାରା ବଜାୟ ରଖିବାକୁ ନେଇଛନ୍ତି ସଙ୍କଳ୍ପ। ଖାଲି ବିଧାନସଭା ନୁହେଁ, ୨୦୨୪ ପାଇଁ ଦୁଇଟି ପର୍ଯ୍ୟାୟରେ ୧୫ ଜଣ ଲୋକସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି ବିଜେଡି । ଅଧିକାଂଶ ସଂସଦୀୟ କ୍ଷେତ୍ରରେ ନୂଆ ମୁହଁକୁ ମଇଦାନକୁ ଓହ୍ଲାଇଛି ଦଳ । ଯାଜପୁର, କନ୍ଧମାଳ, ଜଗତସିଂହପୁର ଲୋକସଭା ଆସନରେ ରିପିଟ ହୋଇଛନ୍ତି ପ୍ରାର୍ଥୀ । ଦ୍ୱିତୀୟ ଥର ପାଇଁ ଯାଜପୁର ସାଂସଦ ପ୍ରାର୍ଥୀ ହୋଇଛନ୍ତି ଶର୍ମିଷ୍ଠା ସେଠୀ। ମୁଖ୍ୟମନ୍ତ୍ରୀ ଆସ୍ଥା ପ୍ରକଟ କରିଥିବାରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ଶର୍ମିଷ୍ଠା। ଅନ୍ୟପଟେ ନବୀନ ଆଗୁଆ ବିଧାନସଭା ପ୍ରାର୍ଥୀ ନାଁ ଘୋଷଣା କରି ବିରୋଧୀଙ୍କୁ ଧରାଶାୟୀ କରିଛନ୍ତି ବୋଲି କହିଛନ୍ତି ରାଜନୈତିକ ସମୀକ୍ଷକ। ସାଧାରଣ ନିର୍ବାଚନରେ ବଡ଼ ବିଜୟ ପାଇଁ ଲକ୍ଷ୍ୟ ରଖିଛି ବିଜେଡି । ଉଭୟ ଲୋକସଭା ଓ ବିଧାନସଭା ଆସନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ବିଭିନ୍ନ ଜାତୀୟ ସର୍ଭେରେ ପ୍ରକାଶ ପାଇଛି। ପୂର୍ବରୁ ତାରିଖ ଘୋଷଣା ହୋଇଥିବା ବେଳେ, ଏବେ ପ୍ରାର୍ଥୀଙ୍କ ନାଁରେ ମୋହର ମାରିଛନ୍ତି ନବୀନ, ଯାହାକି ଓଡ଼ିଶାବାସୀ ଓ ବିଜେଡ଼ି ନେତାଙ୍କ ଭିତରେ ଭରି ଦେଇଛି ଉତ୍ସାହ ।

## ଖୁବଶୀଘ୍ର ...

ରାଜପଥ ଯୋଗୁଁ ଲୋକମାନେ ସମୟ ଏବଂ ଇନ୍ଧନ ମଧ୍ୟ ସଞ୍ଚୟ କରୁଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ମୁମ୍ବାଇରୁ ପୁଣେ ଯାତ୍ରା କରିବାକୁ ୯ ଘଣ୍ଟା ଲାଗୁଥିଲା। କିନ୍ତୁ ବର୍ତ୍ତମାନ ଏହି ଯାତ୍ରା ମାତ୍ର ୨ ଘଣ୍ଟା ମଧ୍ୟରେ ଶେଷ ହୋଇପାରୁଛି । ଏହି ନୂଆ ବ୍ୟବସ୍ଥା ଅନୁଯାୟୀ ଏନଏଚଏଆଇ ଜିପିଏସ ଟେକ୍ନୋଲୋଜି ଆଧାରିତ ଟୋଲ କଲେକ୍ସନ ସିଷ୍ଟମ ଲଞ୍ଚ କରିବ । ଯେଉଁଥିରେ ଜାତୀୟ ରାଜପଥରେ ଗାଡି ଚଳାଉଥିବା ଡ୍ରାଇଭରମାନେ ଟୋଲ ଚାର୍ଜ ଦେବାକୁ ଟୋଲ ପ୍ଲାଜାରେ ଅଟକି ରହିବାକୁ ପଡିବ ନାହିଁ । ଏହା ପରିବର୍ତ୍ତେ, ଗାଡି ମାଲିକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଏହି ରାଶି କଟାଯିବ। ରାଜପଥରେ ଚଲୁଥିବା ଗାଡିର ଜିପିଏସ କୋର୍ଡିନେଟ ସହିତ ଜିପିଏସ ଆଧାରିତ ଟୋଲ ସିଷ୍ଟମ ସଂଯୁକ୍ତ ହେବ ଏବଂ ଯାନ ସଂଗ୍ରହ ପଏଣ୍ଟରେ ପହଞ୍ଚିବା ମାତ୍ରେ ଟୋଲ ଫି ସ୍ୱୟଂଚାଳିତ ଭାବରେ ବ୍ୟାଙ୍କ ଆକାଉଣ୍ଟରୁ କଟାଯିବ। ଏହି ସିଷ୍ଟମ କାର୍ଯ୍ୟ କରିବା ପାଇଁ, ସମସ୍ତ ଯାନରେ ନମ୍ବର ପ୍ଲେଟ ରହିବା ଆବଶ୍ୟକ, ଯାହାକି ଜିପିଏସ ମାଧ୍ୟମରେ ଉପଗ୍ରହ ମାଧ୍ୟମରେ ନୀରିକ୍ଷଣ କରାଯାଇପାରିବ। ଏଥିପାଇଁ ରାଜପଥରେ ଅଟୋମେଟିକ ନମ୍ବର ପ୍ଲେଟ ରିଡର କ୍ୟାମେରା ଲଗାଯିବ, ଯାହା ଜିପିଏସ୍-ସକ୍ଷମ ନମ୍ବର ପ୍ଲେଟ ପଢ଼ିପାରିବ।

## ମୁମ୍ବାଇ ବିଶ୍ୱର...

ତୃତୀୟ ସହରରେ ପରିଣତ ହୋଇଛି। ହୁରୁନ ଧନୀ ତାଲିକା ୨୦୨୪ରେ ମୁମ୍ବାଇ ୨୬ନୂଆ ଅରବପତିଙ୍କୁ ଯୋଡିବା ଫଳରେ ଚୀନର ବେଜିଂ ପଛରେ ପଡିଯାଇଛି । ଅପରପକ୍ଷେ ବେଜିଂ ମାତ୍ର ଗୋଟିଏ ବର୍ଷରେ ୧୮ ଜଣ ଅରବପତି ହରାଇଛି । ଅର୍ଥାତ ଏହି ୧୮ ଜଣ କୁବେର ଅରବପତିଙ୍କ ସୂଚୀରୁ ବାଦ ପଡିଛନ୍ତି । ଏବେ ବେଜିଂରେ ମାତ୍ର ୯୧ ଜଣ ଅରବପତି ବାସ କରୁଛନ୍ତି । ଏଣୁ ଏହି ସହର ବିଶ୍ୱର ଚତୁର୍ଥ ଏବଂ ଏସିଆର ଦ୍ୱିତୀୟ ବୃହତ ଅରବପତି ରହୁଥିବା ସହରରେ ପରିଣତ ହୋଇଛି । ସେହିପରି ସଂଘାଇ ୮୭ ଜଣ ଅରବପତିଙ୍କ ସହ ସୂଚୀର ୫ମ ସ୍ଥାନରେ ରହିଛି। ନୂଆ ୨୬ ଜଣ ଅରବପତି ଯୋଡିହେବା ପରେ ମୁମ୍ବାଇରେ ବସବାସ କରୁଥିବା ଅରବପତିମାନଙ୍କ ମୋଟ ସମ୍ପତ୍ତି ପରିମାଣ ଏବେ ୪୪୫ ବିଲିୟନ ଡଲାରରେ ପହଞ୍ଚିଛି । ଗତବର୍ଷ ତୁଳନାରେ ଏହା ୪୭ ପ୍ରତିଶତ ଅଧିକ। ଏହି ସମୟରେ ବେଜିଂର ଅରବପତିମାନଙ୍କ ମୋଟ ସମ୍ପତ୍ତି ପରିମାଣ ୨୬୫ ବିଲିୟନ ଡଲାର ମଧ୍ୟରେ ରହିଛି । ତେବେ ଗତବର୍ଷ ତୁଳନାରେ ଏହା ୨୮ ପ୍ରତିଶତ କମ୍ । ରିଅଲ ଇଷ୍ଟେଟ ପ୍ଲେୟର ମଙ୍ଗଳ ପ୍ରଭାତ ଲୋଧା ଆଣ୍ଡ ଫ୍ୟାମିଲି ପ୍ରତିଶତ (୧୧୬%) ଦୃଷ୍ଟିରୁ ମୁମ୍ବାଇର ସବୁଠୁ ବଡ ସମ୍ପତ୍ତି ହାସଲ କରିଛନ୍ତି। ଏଥିରେ ଯଦି ବିଶ୍ୱର ଧନିକଙ୍କ ସୂଚୀ ଉଲ୍ଲେଖ କରାଯାଏ, ତେବେ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିରେ ବେଶ ଅଭିବୃଦ୍ଧି ଘଟିଛି। ଏଣୁ ବିଶ୍ୱ ଧନୀକଙ୍କ ସୂଚୀରେ ସେ ନିଜକୁ ୧୦ମ ସ୍ଥାନରେ ରଖିବାକୁ ସମର୍ଥ ହୋଇଛନ୍ତି। ଏହାର ଶ୍ରେୟ ମୁଖ୍ୟ ରୂପେ ତାଙ୍କ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌କୁ ଦିଆଯାଇପାରେ। ସେହିପରି ଆଦାନୀ ଗ୍ରୁପ ମୁଖ୍ୟ ଗୌତମ ଆଦାନୀଙ୍କ ସମ୍ପତ୍ତିରେ ଉଲ୍ଲେଖନୀୟ ବୃଦ୍ଧି ତାଙ୍କୁ ବିଶ୍ୱର ଧନୀକଙ୍କ ସୂଚୀର ୧୫ତମ ସ୍ଥାନକୁ ପହଞ୍ଚାଇଛି । ଏଚ୍‌ସିଏଲ ମୁଖ୍ୟ ଶିବ ନାଦର ଓ ତାଙ୍କ ପରିବାର ସମ୍ପତ୍ତି ଓ ବୈଶ୍ୱିକ ର୍‍ୟାଙ୍କିଂ ଉଭୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛନ୍ତି । ନାଦର ପରିବାର ୧୬ ସ୍ଥାନ ଉନ୍ନୀତ ହୋଇ ୩୪ତମ ସ୍ଥାନକୁ ପହଞ୍ଚିଛି । ତେବେ ସେରମ ଇନିଷ୍ଟିଚ୍ୟୁଟର ସାଇରସ ଏସ୍. ପୁନାୱାଲାଙ୍କ ମୋଟ ସମ୍ପତ୍ତିରେ ସାମାନ୍ୟ ହ୍ରାସ ସହ ୮୨ ବିଲିୟନ ଡଲାର ରହିଛି । ଫଳରେ ବିଶ୍ୱ ଧନିକଙ୍କ ସୂଚୀରେ ସେ ୫୫ତମ ସ୍ଥାନକୁ ଖସିଆସିଛନ୍ତି। ତେବେ ମୁମ୍ବାଇକୁ ପୁଣି ଥରେ ଏସିଆର ୧ ନମ୍ବର ଓ ବିଶ୍ୱରେ ୩ ନମ୍ବର ସ୍ଥାନ ଦେବାରେ ସନ ଫାର୍ମାସ୍ୟୁଟିକଲସର ଦିଲୀପ ସାଂଘଭୀ ଓ କୁମାର ମଙ୍ଗଳମ ବିର୍ଲାଙ୍କ ଯୋଗଦାନ ରହିଛି। ଡିମାର୍ଟର ସଫଳତା ଯୋଗୁ ରାଧାକିଷନ ଦମାନୀଙ୍କ ସମ୍ପତ୍ତିରେ ସ୍ଥିର ଅଭିବୃଦ୍ଧି ତାଙ୍କୁ ବିଶ୍ୱ ଧନିକଙ୍କ ସୂଚୀର ୧୦୦ତମ ସ୍ଥାନରେ ପହଞ୍ଚାଇଛି । ଏହିସବୁ ଅରବପତିମାନଙ୍କ କାରଣରୁ ମୁମ୍ବାଇ ଆଜି ଅରବପତିଙ୍କ ସହର ମାମଲାରେ ଚୀନକୁ ବି ପଛରେ ପକାଇଦେଇଛି।

## ଭିଜିଲାନ୍ସ ଜାଲରେ ସିଟିଓ-ଜିଏସଟି ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୁରୀରେ ଲାଞ୍ଚ ନେଉଥିଲା ବେଳେ ବାଣିଜ୍ୟିକ ଟିକସ ଅଧିକାରୀ (ସିଟିଓ) ଏବଂ ଦ୍ରବ୍ୟ ଏବଂ ସେବା କର (ଜିଏସଟି) ଅଧିକାରୀଙ୍କୁ ଗିରଫ କରିଛି ଓଡ଼ିଶା ଭିଜିଲାନ୍ସ। ଅଭିଯୁକ୍ତ ଜଣକ ପୁରୀର ଏନଫୋର୍ସମେଣ୍ଟ ୟୁନିଟର ସିଟିଓ ଏବଂ ଜିଏସଟି ଅଧିକାରୀ ମାନସ ରଂଜନ ବେହେରା ବୋଲି ଜଣାପଡିଛି। ଅଟକ ଥିବା ଗାଡିକୁ ମୁକ୍ତ କରିବା ପାଇଁ ପୁରୀର ଜିଲ୍ଲା ସ୍କୁଲ ସମ୍ମୁଖରେ ଅଭିଯୋଗକାରୀ (ଗାଡି ମାଲିକ)ଙ୍କ ଠାରୁ ୩୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଶ୍ରୀ ବେହେରାଙ୍କୁ ଗିରଫ କରିଛି। ସରକାରଙ୍କ ନିୟମ ଅନୁଯାୟୀ, ଅଭିଯୋଗକାରୀ ମାର୍ଚ୍ଚ ୧୯ରେ ଜିଏସ୍‌ଟି ଜରିମାନା ଆକାରରେ ୭୯,୨୦୦ ଟଙ୍କା ଦେଇସାରିଛନ୍ତି। କିନ୍ତୁ ଅଧିକାରୀ ଜଣକ ଏପର୍ଯ୍ୟନ୍ତ ଅଭିଯୁକ୍ତ ସିଟିଓ ଏବଂ ଜିଏସଟି ଅଧିକାରୀ ୩୦,୦୦୦ ଟଙ୍କା ଲାଞ୍ଚ ମାଗି ଅଟକ ଥିବା ଗାଡିକୁ ଛାଡି ନଥିଲେ।



# ବିଜେଡିରେ ମିଶିଲେ ବିଜେପିର ୪ ଶହରୁ ଊର୍ଦ୍ଧ୍ୱ କର୍ମୀ



**ନୟାଗଡ଼, ନ୍ୟୁଜ ବ୍ୟୁରୋ**

ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ବଢ଼ିବାରେ ଲାଗିଛି ବିଜେଡି ବଳ। ନୟାଗଡ଼ରେ ବିଜେପିକୁ ଲାଗିଛି ଶକ୍ତ ଧକ୍କା । ନୟାଗଡ ବିଜେଡି କାର୍ଯ୍ୟାଳୟରେ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି । ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଓ ନୟାଗଡ଼ ପୌର ପରିଷଦର ୪ ଶହରୁ ଅଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପୁରୀ ବିଜେଡି ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ, ନୟାଗଡ଼ ବିଧାୟକ ପ୍ରାର୍ଥୀ ଅରୁଣ କୁମାର ସାହୁ ଯୋଗଦେଇ ଡବଲ ଶଙ୍ଖ ପାଇଁ ଆହ୍ୱାନ ଦେଇଥିଲେ । ରାଜନୀତି ସହ ସେବା ମୋ ଜୀବନର ଲକ୍ଷ୍ୟ ବୋଲି କହିଥିଲେ ଅରୂପ ପଟ୍ଟନାୟକ । କରୋନା ମହାମାରୀ ସମୟରୁ ଓଡ଼ିଶା ମୋ ପରିବାର ସେବା ପାଇଁ ବଳିଷ୍ଠ ଉଦ୍ୟମ ବୋଲି କହିଥିଲେ । ମାଟି ମା'ର ସେବା କରିବାକୁ ମୁଖ୍ୟମନ୍ତ୍ରୀ ସୁଯୋଗ ଦେଇଛନ୍ତି । ସେହିପରି ବିଜୁ ଜନତା ଦଳ ଖରା, ବର୍ଷା, ଶୀତ କାକରରେ ଲଢେଇ କରିବାରେ ସମର୍ଥ ରହିଛି ବୋଲି କହିଥିଲେ ନୟାଗଡ଼ ବିଧାୟକ ଅରୁଣ ସାହୁ । ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନୟାଗଡ଼ ପ୍ରତି ରହିଛି । ସବୁବେଳେ ବିକାଶକୁ ଗୁରୁତ୍ୱ ଦେଇଛନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ । ଉନ୍ନତୀକରଣ ମୁଖ୍ୟମନ୍ତ୍ରୀଙ୍କ ଭିନ୍ନ ପରିକଳ୍ପନା ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ବରିଷ୍ଠ ନେତ୍ରୀ ଇରାନୀ ରାୟ, ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନାଙ୍କ ସହ ଅନ୍ୟ ପ୍ରମୁଖ ନେତା ଓ କର୍ମୀ ଯୋଗ ଦେଇଥିଲେ ।

# ଗ୍ରାମାଞ୍ଚଳର ଯୁବକଯୁବତୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବେଦାନ୍ତର ଏମଓୟୁ ସ୍ୱାକ୍ଷର

**ଲାଞ୍ଜିଗଡ଼, ନ୍ୟୁଜ ବ୍ୟୁରୋ**

ବେଦାନ୍ତ ଲିମିଟେଡ, ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ ଆଲୁମିନା ଉତ୍ପାଦନକାରୀ ଯିଏକି ବେଦାନ୍ତ ଆଲୁମିନିୟମ୍‌ର ଏକ ୟୁନିଟ୍ ଓଏସଡିଏ (ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି), ଓଡ଼ିଶା ସରକାରଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ଆଗାମି ୩ ବର୍ଷ ମଧ୍ୟରେ ୧୩୦୦ରୁ ଅଧିକ ଯୁବକଯୁବତୀଙ୍କର ଦକ୍ଷତା ବଢାଇବାକୁ ଲକ୍ଷ୍ୟ ରଖିଛି । ଏହାର ଦକ୍ଷତା ତାଲିମ ପଦକ୍ଷେପ କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳ, ବେକାର ଯୁବକଯୁବତୀମାନଙ୍କୁ ସାମାଜିକ-ଅର୍ଥନୈତିକ ପ୍ରତିବନ୍ଧକ ହେତୁ ବିଦ୍ୟାଳୟ ଛାଡିଥିବା ନିରନ୍ତର ଜୀବିକା ନିର୍ବାହ ପାଇଁ ସହାୟତା କରିଆସୁଅଛି । ନାବାର୍ଡ (ନ୍ୟାସନାଲ ବ୍ୟାଙ୍କ ଫର କୃଷି ଏବଂ ଗ୍ରାମୀଣ ବିକାଶ) ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ଅନୁଷ୍ଠାନ ସହିତ ବିଭିନ୍ନ ସହଭାଗିତା ମାଧ୍ୟମରେ ଏହି ପଦକ୍ଷେପର ପରିସରକୁ ବ୍ୟାପକ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି । ୨୦୨୨ ମସିହାରେ ଠାରୁ, ଏହି କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳର ଯୁବକଯୁବତୀମାନଙ୍କୁ ଖାଦ୍ୟ ଏବଂ ପାନୀୟ, ଟେକ୍ସଟାଇଲ, ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଶିଳ୍ପ ସହିତ ରୋଜଗାରର ସୁଯୋଗ ପାଇଁ ତାଲିମ ଦେଇଛି । ବିଭିନ୍ନ ଚାକିରି ଭୂମିକାରେ ସେମାନଙ୍କୁ ଅଭିଜ୍ଞତା ପ୍ରଦାନ କରିବାକୁ ଶିଳ୍ପ ପରିଦର୍ଶନ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏପର୍ଯ୍ୟନ୍ତ, ୨୦୦ରୁ ଅଧିକ ଯୁବକଯୁବତୀମାନଙ୍କୁ ଷ୍ଟିୱାର୍ଡଶିପ୍, ସିଲେଇ ମେସିନ୍ ଅପରେସନ୍ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ପରି ବିଭିନ୍ନ କୌଶଳ ଉପରେ ତାଲିମ ଦିଆଯାଇଛି। ନିଯୁକ୍ତିଦାତାମାନଙ୍କ ସହିତ ସଂଯୋଗ ସ୍ଥାପନ ପାଇଁ ଜାରି ପ୍ରତିବଦ୍ଧତା, ୭୫% ପ୍ଲେସମେଣ୍ଟ ରେକର୍ଡ ହାସଲ କରି ଯୁବକଯୁବତୀମାନଙ୍କୁ ରାମୋଜି ଫିଲ୍ମ ସିଟି, ତାଜ୍ ଗ୍ରୁପ ଅଫ୍ ହୋଟେଲ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାରେ ସ୍ଥାନିତ କରାଯାଇଛି। ଉଦ୍ୟୋଗୀମାନଙ୍କର ଉନ୍ନତି ପାଇଁ ଏକ ଦୃଢ ତଥା ସହାୟକ ପରିବେଶ ସୃଷ୍ଟି କରିବା ଯେହେତୁ ଏହି ଅଞ୍ଚଳର ଅନେକ ଯୁବକଯୁବତୀ ଚାକିରି କରିବାକୁ ଚାହୁଁନାହାଁନ୍ତି ସେଥିପାଇଁ ଅଭିନବ ତଥା ଉଦ୍ୟୋଗୀତା ପ୍ରତିପୋଷଣ, ସାମୂହିକ ଶକ୍ତି ଏବଂ ସମ୍ବଳ ବ୍ୟବହାର କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଚିହ୍ନିତ କରିଛି । ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜିଏସ)ର ଉପଯୁକ୍ତ କାର୍ଯ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି (ଏସଡିଜି୮), ଅସମାନତା ହ୍ରାସ (ଏସଡିଜି୧୦), ଏବଂ ଭାଗିଦାରୀ ପାଇଁ ଲକ୍ଷ୍ୟ (ଏସଡିଜି୧୭) ସହିତ ଏହି ପ୍ରୟାସ ଅତି ନିକଟତର ହୋଇଛି । ବେଦାନ୍ତ ଲିମିଟେଡ୍ ସିଇଓ- ଆଲୁମିନା ବ୍ୟବସାୟ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯୁବକମାନଙ୍କୁ ଆତ୍ମ ନିର୍ଭରଶୀଳତା ପାଇଁ ସଶକ୍ତିକରଣ କରିବା ଆମର ପ୍ରତିବଦ୍ଧତା ଅଟେ । ଆମେ କେବଳ ବ୍ୟକ୍ତିଗତ ଭବିଷ୍ୟତ ଗଠନ କରୁନାହୁଁ, ବରଂ ସେମାନଙ୍କୁ ଉଦ୍ୟୋଗୀ କୌଶଳ ଏବଂ ଆର୍ଥିକରୂପେ କୁଶଳୀ କରାଇବା ସହିତ ସମଗ୍ର ସମ୍ପ୍ରଦାୟର ବିକାଶ ଦିଗରେ କାର୍ଯ୍ୟ କରୁଛୁ । ଯେହେତୁ ଆମେ ଆତ୍ମନିର୍ଭରଶୀଳ ହେବା ପାଇଁ ବାଟ ଖୋଲିଛୁ, ଆମେ ଏକ 'ଆତ୍ମନିର୍ଭର ଭାରତ' ପାଇଁ ଏକ ଭିତ୍ତିପ୍ରସ୍ତର ସ୍ଥାପନ କରୁଛୁ - ଏକ ରାଷ୍ଟ୍ର, ନୂତନତା, ସ୍ୱାଧୀନତା ଏବଂ ସମୃଦ୍ଧତା ଦ୍ୱାରା ପରିଚାଳିତ । କଳାହାଣ୍ଡି ଜିଲ୍ଲା ନିଯୁକ୍ତି ଅଧିକାରୀ ଅଜିତ କୁମାର ଉତରାୟ, କହିଛନ୍ତି ଯେ ଆମର ଏଠାରେ ଥିବା କୌଶଳ ବିକାଶ ପ୍ରତିଭା ଦ୍ୱାରା କଳାହାଣ୍ଡିର ଭବିଷ୍ୟତକୁ ସୁରକ୍ଷିତ ରଖିବା ଦିଗରେ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଏକ ସକରାତ୍ମକ ପଦକ୍ଷେପ। ଏହି ସହଯୋଗ ମାଧ୍ୟମରେ ଆମେ ସାମାଜିକ- ଅର୍ଥନୈତିକ ଉନ୍ନତି ଏବଂ ସମଗ୍ର ଜିଲ୍ଲାର ସମ୍ପ୍ରଦାୟର ଉନ୍ନତି ପାଇଁ ଉନ୍ନତ ସୁଯୋଗକୁ ସକ୍ଷମ କରିପାରିବା। ସ୍ଥାୟୀ ଜୀବିକା, ଗୁଣାତ୍ମକ ଶିକ୍ଷା, ମହିଳା ସଶକ୍ତିକରଣ, ସ୍ୱାସ୍ଥ୍ୟ, ଜଳ ଏବଂ ପରିମଳ ଏବଂ ସମ୍ପ୍ରଦାୟର ଭିତ୍ତିଭୂମି କ୍ଷେତ୍ରରେ ବେଦାନ୍ତ ଲଞ୍ଜିଗଡର ସାମାଜିକ ହସ୍ତକ୍ଷେପ ୬୭ରୁ ଅଧିକ ଗ୍ରାମ ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ପହଞ୍ଚିଛି ।



ଭୁବନେଶ୍ୱର
୨୯ ମାର୍ଚ୍ଚ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24









# ୧୦ ବର୍ଷର 'କଥା କଳିକା'-ଛଳଛଳ ତାରୁଣ୍ୟର ଜିଜୀବିଷା

ସୁପ୍ରାଚୀନ ଏଇ ବ୍ରହ୍ମାଣ୍ଡ ଏକ ଆଧିଦୈବିକ ଈଶ୍ୱରୀୟ ସଂରଚନା। ମଣିଷ ଏଇ ଦୈବ ସଂରଚନାର ଏକ ନିର୍ମୋକ। ସେ'ବିଜ୍ଞାନୀ ହୋଇ ପାରେ ମାତ୍ର ଭୂତ-ଭୌତିକ। ଈଶ୍ୱରବାଦୀ ବିଜ୍ଞାନୀ କେବଳ ହୋଇପାରେ ଜଣେ ସନ୍ଥ ସାଧକ, ଯିଏ ନିଜ ଆତ୍ମାକୁ ପରମାତ୍ମାଙ୍କ ସହିତ ଯୋଡିଦେଇ ଅସାଧ ସାଧନା ପଛରେ ଦୈବୀକୃପା ପାଇ ବଳବାନ ହୋଇପାରେ। ଅଥଚ୍ ସେପରି ଘଟଣା ଏବେ ଆଉ କିଛି ଘଟିବାର ନାହିଁ। ଆମେ ଜଡ ଚେତନଭୋଗୀ ମଣିଷ ଏବେ ଭୌତିକ କର୍ମକାଣ୍ଡରେ ଲିପ୍ତ। ତେଣୁ ବିନାଶ ହିଁ ଆମର ଭାଗ୍ୟ ଲେଖା।

ଆଜି ସେହି ଦୁଃଖଦ ଜୀବନରୁ ମୁକ୍ତି ପାଇଁ ଈଶ୍ୱରୀୟ ବିଳାସରେ ଜୀବନ ମନ ପ୍ରାଣଶକ୍ତି ଅତୀତକୁ ଖୋଜୁଛି। ଟିକିଏ ଶାନ୍ତି ଆଶ୍ୱାସନା ବିଶ୍ରାମ ତା'ର ଲୋଡା। ପ୍ରକୃତି ଗଛପତ୍ର ନଈ ଝରଣାକୁ ଦେଖି ଗୀତ ବୋଲୁଛୁ। ଫାଲଗୁନର ରୋମାଞ୍ଚିତ ଚଇତି ପବନରେ ଉଲୁସି ଉଠୁଛି ତା ଅବୟବ। ଅଙ୍ଗରାଗରେ ବେପଥୁ-ଓଠରେ ସ୍ମିତ, କିଏ ଯେମିତି ଡାକୁଛି କୋଇଲି ଗୀତ ଶୁଣିବୁ ପରା ଆ', ଆମ୍ବ ଖାଇବୁ ଆ', ପଣା ପିଇବୁ ଆ, ଏହା ହିଁ ଜୀବନର ଶାନ୍ତି। ଶାନ୍ତି ସନ୍ତୋଷର ନନ୍ଦନବନରେ ସାହିତ୍ୟ ହିଁ ଗୋଟିଏ ସୁବାସିତ ଫୁଲ-କ୍ଳାନ୍ତି ହରା, ମାଦକ ଭରା। 'କଥାକଳିକା' ତା'ର ଗୋଟିଏ ପାଖୁଡା ମାତ୍ର। ତାରି ଆଜି ୧୦ମ ବାର୍ଷିକ ଜନ୍ମୋତ୍ସବ। ସେ ତରୁଣ ହୋଇ ଧାଇଁବ ଆଗକୁ। ନୂଆନୂଆ-କଥା ପ୍ରାଣ ବତୁରା ଗପରେ ମହିମାମୟ ହେବ ତା' ତାରୁଣ୍ୟର ଛଳଛଳ ଜିଜୀବିଷା।

'କଥାକଳିକା'ର ଏହି ଭବ୍ୟ ଜନ୍ମ ସମାରୋହରେ ଉଦ୍‌ଘାଟକ ତଥା ଦୈନିକ ସମ୍ବାଦପତ୍ର "ଧରିତ୍ରୀ'ର ସୁଯୋଗ୍ୟ ସମ୍ପାଦକ ଶ୍ରୀ ତଥାଗତ ସତପଥୀ, ସମକାଳର ବିଶିଷ୍ଟ ଔପନ୍ୟାସିକ, ଗାଳ୍ପିକ କଥାସମ୍ରାଟ ଡ. ବିଭୂତି ପଟ୍ଟନାୟକ, ବିଶିଷ୍ଟ କଥାକାର ଡ.ଗୌରହରି ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ କବି ଡ. ନୃସିଂହ ଚରଣ ଷଡଙ୍ଗୀ, ମୁଖ୍ୟ ସମ୍ପାଦିକା ସୁପ୍ରଭା ରାୟ ତଥା 'ସମ୍ବାଦ କଳିକା' 'ଉତ୍କଳଦୀପିକା'ର ସୁଯୋଗ୍ୟ ସମ୍ପାଦକ ଜୟାଶୀଷ ରାୟ ପ୍ରମୁଖଙ୍କ ହାତରୁ 'କଥାକଳିକା'ର ପୁରସ୍କୃତ ପ୍ରତିଭାଗଣ ପୁରସ୍କାର ଗ୍ରହଣ କରିବା ଅବସରରେ ସେହି ମନୋରମ ଦୃଶ୍ୟାବଳୀ ସବୁକୁ ଆମ ପାଠକ ବନ୍ଧୁ, ଶୁଭେଚ୍ଛୁ ବର୍ଗଙ୍କ ନୟନ ସାର୍ଥକ ଲାଗି ଆମେ ଏଠାରେ ପ୍ରତିବେଦନ କରୁଛୁ ସେହି ସବୁ ପୁରସ୍କୃତ ବିତରଣ ବେଳର ଦୃଶ୍ୟ ସବୁ...



















